# ସର୍ବହରା କ୍ରାନ୍ତି

ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ) • ଓଡ଼ିଆ ମୁଖପତ୍ର - ପାକ୍ଷିକ • ପୂର୍ବତନ ମୁଖ୍ୟ ସମ୍ପାଦକ-କମ୍ରେଡ୍ ତାପସ ଦତ୍ତ• ମୂଲ୍ୟ-୫ଟଙ୍କା

VOL NO. - 13, ISSUE NO. - 24, DATE : 01.04.2026 - 15.04.2026 FORTNIGHTLY (ODIA), BHUBANESWAR. PAGES-08

## ଟ୍ରମ୍ପଙ୍କ ବିରୋଧରେ ଆମେରିକାରେ ବିକ୍ଷୋଭର ନିଆଁ : ରାଜରାସ୍ତାରେ ଲକ୍ଷ ଲକ୍ଷ ଜନଗଣଙ୍କ ଉତ୍ତାଳ ତରଙ୍ଗ








ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶାସନ ଶୈଳୀ ଓ ନୀତି, ବିଶେଷକରି ଇରାନ ଉପରେ ବର୍ବର ଆକ୍ରମଣ ବିରୁଦ୍ଧରେ ସାରା ଦେଶରେ 'ଜନ ବିସ୍ଫୋରଣ' ଦେଖିବାକୁ ମିଳିଛି। ମାର୍ଚ୍ଚ ୨୮ ଦିନ ଆମେରିକାର ସମସ୍ତ ୫୦ଟି ରାଜ୍ୟରେ ଏକ କୋଟିରୁ ଅଧିକ ଲୋକ ଏକାଠି ହୋଇ ଟ୍ରମ୍ପ ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି। ସୂଚନା ଅନୁଯାୟୀ, ପ୍ରାୟ ୩,୩୦୦ରୁ ଉର୍ଦ୍ଧ୍ୱ ସ୍ଥାନରେ ଏହି ବିକ୍ଷୋଭ ଅନୁଷ୍ଠିତ ହୋଇଛି।

ଟ୍ରମ୍ପ ପ୍ରଶାସନର ସ୍ୱେଚ୍ଛାଚାରୀ ଏକଛତ୍ରବାଦୀ ନୀତି, ବିଦେଶୀ ନାଗରିକ ଓ ଶରଣାର୍ଥୀଙ୍କ ପ୍ରତି ସରକାରଙ୍କ ଅମାନବୀୟ ଆଭିମୁଖ୍ୟକୁ ବିରୋଧ ସଙ୍ଗେ ସଙ୍ଗେ ଇରାନ ଉପରେ ଆକ୍ରମଣ ବିରୋଧରେ ଏହି ବିଶାଳ ବିକ୍ଷୋଭ ଗୁଡ଼ିକ ଅନୁଷ୍ଠିତ ହୋଇଛି। ଇରାନ ତଥା ମଧ୍ୟ ପ୍ରାଚ୍ୟ ରେ ଜାରି ରହିଥିବା ସାମରିକ ଉତ୍ତେଜନା ଓ ଯୁଦ୍ଧ ସ୍ଥିତିକୁ ସାଧାରଣ ଆମେରିକୀୟମାନେ ଗ୍ରହଣ କରିପାରୁନାହାନ୍ତି। ବିକ୍ଷୋଭରେ ଯୁଦ୍ଧ ବିରୋଧୀ ସ୍ଲୋଗାନ ଗଗନ ପବନ ପ୍ରକମ୍ପିତ କରିଛି। ଆମେରିକାର ସାଧାରଣ ଜନତା ବିଶ୍ୱର ଶାନ୍ତିକାମୀ ମଣିଷର ଅଂଶ ଭାବେ ଆମେରିକା ସାମ୍ରାଜ୍ୟବାଦର ଯୁଦ୍ଧକୁ ବିରୋଧ କରୁଛନ୍ତି।

ସହରରୁ ଗାଁ ସବୁଠି ପ୍ରତିବାଦର ଧ୍ୱନି ଶୁଭୁଛି। ନ୍ୟୁୟର୍କ, ୱାଶିଂଟନ୍ ଡିସି, ଲସ୍ଆଞ୍ଜେଲସ୍ ଭଳି ବଡ଼ ବଡ଼ ସହରଠାରୁ ଆରମ୍ଭ କରି ଛୋଟ ଛୋଟ ସହର ପର୍ଯ୍ୟନ୍ତ ସବୁଠି କେବଳ ପ୍ରତିବାଦର ସ୍ୱର ଶୁଭୁଛି। ଅନେକ ସ୍ଥାନରେ ବିକ୍ଷୋଭକାରୀମାନେ ଟ୍ରମ୍ପଙ୍କୁ ହଟାଓ ଓ ଗଣତନ୍ତ୍ର ବଂଚାଅ ଭଳି ପ୍ଲାକାର୍ଡ ଧରିଥିବାର ଦେଖାଯାଇଛି। "ଆମର କେହି ରାଜା ନାହାନ୍ତି" ଏହି ସ୍ଲୋଗାନ ଦେଇ ଆମେରିକାର ଜନଗଣ ଆଗେଇ ଚାଲିଛନ୍ତି। ଯୁଦ୍ଧରେ ଲିପ୍ତ ସାମ୍ରାଜ୍ୟବାଦୀ ଆମେରିକା ମାଟିରେ ଦେଶର ସାଧାରଣ ଲୋକଙ୍କର ଏହି ଧରଣର ବିକ୍ଷୋଭ ସମଗ୍ର ବିଶ୍ୱର ମୁକ୍ତିକାମୀ, ଶାନ୍ତିକାମୀ ଜନସାଧାରଣଙ୍କ ପାଇଁ ପ୍ରେରଣା ସୃଷ୍ଟି କରିଛି।

★★★

## ମଣ୍ଡିରେ ଧାନ ବିକ୍ରି - ଚାଷୀ ପାଇଁ ପଦ୍ମ ଘୁଞ୍ଚୁ ଘୁଞ୍ଚୁ ଯାଉଛି

ଗତ ୨୦୨୪ ନିର୍ବାଚନରେ ରାଜ୍ୟରେ ଉତ୍ପାଦିତ ହେଉଥିବା ସମସ୍ତ ଧାନ ମଣ୍ଡି ଜରିଆରେ ଖରିଦ କରିବା ଓ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା କରି ବୋନସ ଦେବାପାଇଁ ବିଜେପି ଦଳ ତାର ନିର୍ବାଚନୀ ଘୋଷଣପତ୍ରରେ ଉଲ୍ଲେଖ କରିଥିଲା। ସେହି ନିର୍ବାଚନରେ ବିଜେପି ଦଳ ଏକକ ଭାବରେ ବିଜୟଲାଭ କରି ରାଜ୍ୟରେ କ୍ଷମତା ଦଖଲ କରିଛି। ସରକାର ଦୁଇବର୍ଷ ପୂରଣ କରିବାକୁ ଯାଉଛି। ହେଲେ ଚାଷୀ ଯେଉଁ ତିମିରେ ସେଇ ତିମିରେ।

ସବୁବର୍ଷ ଭଳି ଚଳିତ ବର୍ଷ ନଭେମ୍ବର ଶେଷ ଓ ଡିସେମ୍ବର ଆରମ୍ଭରେ ରାଜ୍ୟରେ ଧାନ ଅମଳ ଆରମ୍ଭ ହୋଇଥିଲା। ସରକାର ପ୍ରତିଶ୍ରୁତି ଦେଇଥିଲେ, ଧାନ ଅମଳ ହେବା ସଙ୍ଗେସଙ୍ଗେ ମଣ୍ଡି ଖୋଲିବ ଆଉ ଧାନ ଖରିଦ ଆରମ୍ଭ ହେବ। ମାତ୍ର ଯେଉଁ ସବୁ ଜିଲ୍ଲାରେ ନଭେମ୍ବର ଶେଷ ଆଡ଼କୁ ଧାନ ଅମଳ ଆରମ୍ଭହେଲା ସେସବୁ ଜିଲ୍ଲାରେ ମଣ୍ଡି ଖୋଲୁ ଖୋଲୁ ଜାନୁଆରୀ ମାସ ହୋଇଗଲା। ଫଳରେ ଛୋଟ ଚାଷୀ , ଭାଗ ଚାଷୀ , ନାମମାତ୍ର ଚାଷୀ ଧାନର ଅଭାବୀ ବିକ୍ରି କରିବାକୁ ବାଧ୍ୟହେଲେ, ମଣ୍ଡି ଖୋଲିବା ଦାବିରେ ଆନ୍ଦୋଳନ କଲେ, ଜିଲ୍ଲାପାଳ ଅଫିସ ଘେରାଓ କଲେ ରାସ୍ତା ରୋକ କରିବାକୁ ବାଧ୍ୟ ହେଲେ। ମାତ୍ର ଚାଷୀଙ୍କ ଦୁଃଖ ଶୁଣିବା ପରିବର୍ତ୍ତେ ରାଜ୍ୟର ଜଣେ ଉପମୁଖ୍ୟମନ୍ତ୍ରୀ କହିଲେ ଚାଷୀମାନେ ନାଟକ କରୁଛନ୍ତି। ଶେଷରେ ବହୁ ବିଳମ୍ବରେ ମଣ୍ଡି ଖୋଲିଲା; ହେଲେ ସରକାର, ସରକାରୀ କଳ ଓ ମିଲ ମାଲିକ ମାନଙ୍କ ଅସାଧୁ ମେଣ୍ଟର ଷଡ଼ଯନ୍ତ୍ର ଫଳରେ ମଣ୍ଡିରେ ଧାନ ବିକ୍ରି କରିବା ଚାଷୀ ପାଇଁ କାର୍ଯ୍ୟତଃ ଅସମ୍ଭବ ହୋଇପଡ଼ିଲା। ତା ଭିତରେ ପୁଣି ମିଲ ମାଲିକ୍ ମାନଙ୍କର ସରକାରୀ ପ୍ରାଯୋଜିତ ଆନ୍ଦୋଳନର ନାଟକ ଚାଲିଲା। ଶୀତ କାକରରେ ପଡ଼ି ଚାଷୀ ହଟହଟା ହେଲା। ମଣ୍ଡିରେ ଧାନ ବିକିବା ପାଇଁ ଦିନ ରାତି ମଣ୍ଡିରେ ପଡ଼ିରହି ଚାଷୀ ମୃତ୍ୟୁ ମୁଖରେ ପଡ଼ିବା ପରି ହୃଦୟ ବିଦାରକ ଘଟଣା ମଧ୍ୟ ଘଟିଲା। ହେଲେ ସରକାର, ବିଶେଷ କରି ଯୋଗାଣ ବିଭାଗର ମନ୍ତ୍ରୀଙ୍କର ଅତ୍ୟନ୍ତ ସମ୍ବେଦନଶୀଳତା

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

## ରନ୍ଧନ ଗ୍ୟାସ୍ ଏବଂ ଜୀବନ ରକ୍ଷାକାରୀ ଔଷଧର ମୂଲ୍ୟ ବୃଦ୍ଧି ବିରୁଦ୍ଧରେ ଏସୟୁସିଆଇ(କମ୍ୟୁନିଷ୍ଟ)ର ଦୃଢ଼ ପ୍ରତିବାଦ

ଘରୋଇ ବ୍ୟବହାର ପାଇଁ ଉଦ୍ଦିଷ୍ଟ ରନ୍ଧନ ଗ୍ୟାସ ସମେତ ବ୍ୟବସାୟିକ ରନ୍ଧନ ଗ୍ୟାସ୍ ଏବଂ ଜୀବନ ରକ୍ଷାକାରୀ ଔଷଧର ମୂଲ୍ୟ ବୃଦ୍ଧି ପାଇଁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ଦୃଢ଼ ବିରୋଧ କରି ଏସ୍ୟୁସିଆଇ(କମ୍ୟୁନିଷ୍ଟ)ର ସାଧାରଣ ସମ୍ପାଦକ କମ୍ରେଡ ପ୍ରଭାସ ଘୋଷ ଏପ୍ରିଲ ୨ ତାରିଖରେ ନିମ୍ନଲିଖିତ ବିବୃତ୍ତି ଜାରି କରିଛନ୍ତି – 'କେନ୍ଦ୍ର ବିଜେପି ସରକାର ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର କ୍ରମାଗତ ମୂଲ୍ୟ ବୃଦ୍ଧିରୁ ଦେଶବାସୀଙ୍କୁ ରକ୍ଷା କରିବା ପରିବର୍ତ୍ତେ, ମାତ୍ର ୨୫ ଦିନର ବ୍ୟବଧାନରେ ପୁଣି ଥରେ ୧୯ କିଲୋଗ୍ରାମ ଓଜନର ବ୍ୟବସାୟିକ ରନ୍ଧନ ଗ୍ୟାସ୍ ସିଲିଣ୍ଡରର ମୂଲ୍ୟ ୨୧୮ ଟଙ୍କା ବୃଦ୍ଧି କରିଛନ୍ତି। ଏପ୍ରିଲ ୧ ତାରିଖରୁ ଆଜି ମଧ୍ୟରେ ଏହି ରନ୍ଧନ ଗ୍ୟାସ ସିଲିଣ୍ଡର ପିଛା ୨୨୦୮ ଟଙ୍କା ମହଙ୍ଗା ହୋଇଛି। ଏହା ପୂର୍ବରୁ, ମାତ୍ର ୨୫ ଦିନ ତଳେ ବିଜେପି ସରକାର ଘରୋଇ ବ୍ୟବହାର ପାଇଁ ଉଦ୍ଦିଷ୍ଟ ରନ୍ଧନ ଗ୍ୟାସ ଦର ସିଲିଣ୍ଡର ପିଛା ୬୦ ଟଙ୍କା ଏବଂ ବ୍ୟବସାୟିକ ସିଲିଣ୍ଡର ମୂଲ୍ୟ ୧୧୪.୫୦ ଟଙ୍କା ବୃଦ୍ଧି କରିଥିଲେ।

ଏହା ବ୍ୟତୀତ, ସରକାର ୭୦୦ ରୁ ୯୦୦ ପ୍ରକାରର ଔଷଧର ମୂଲ୍ୟ ମଧ୍ୟ ବୃଦ୍ଧି କରିଛନ୍ତି, ଯାହା ଅସହାୟ ଜନସାଧାରଣଙ୍କୁ ଅସହ୍ୟ ଆଘାତ ଦେବ। ଯେତେବେଳେ ସାଧାରଣ ଜନତା ପ୍ରାୟ ସମସ୍ତ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ବୋଝରେ ନିଷ୍ପେସିତ ହେଉଛନ୍ତି, ସେତିକିବେଳେ ଏହି ଦର ବୃଦ୍ଧି ସେମାନଙ୍କୁ ଆହୁରି ଗଭୀର ଦୁର୍ଦ୍ଦଶା ମଧ୍ୟରେ ନିକ୍ଷେପ କରିବ। ଏହା ପୁଣି ଥରେ ବିଜେପି ସରକାରର ଜନବିରୋଧୀ ଚରିତ୍ରକୁ ପଦାରେ ପକାଇଛି।

ଏହି ମୂଲ୍ୟ ବୃଦ୍ଧି ପ୍ରତ୍ୟାହାର କରିବା ପାଇଁ ସରକାରଙ୍କୁ ବାଧ୍ୟ କରିବା ନିମନ୍ତେ ଆମେ ଜନସାଧାରଣଙ୍କୁ ଆଗେଇ ଆସିବାକୁ ଏବଂ ପ୍ରତିବାଦର ସ୍ୱର ଉତ୍ତୋଳନ କରିବାକୁ ଆହ୍ୱାନ କରୁଛୁ।

### ଭିତର ପୃଷ୍ଠାରେ

★ "୨୪ ଏପ୍ରିଲ" ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)ର ୭୯ତମ ପ୍ରତିଷ୍ଠା ଦିବସର ଆହ୍ୱାନ
★ ଗ୍ୟାସ ସଙ୍କଟ - ପୁଞ୍ଜିପତିମାନଙ୍କ ସ୍ୱାର୍ଥ ପାଇଁ ବିଜେପି ସରକାର ଜନଗଣଙ୍କୁ ଦୁର୍ଦ୍ଦଶା ମଧ୍ୟକୁ ଠେଲି ଦେଉଛି
★ ଆବେଗପୂର୍ଣ୍ଣ ପ୍ରତ୍ୟୟ ଭରା ପରିବେଶରେ ଉନ୍ମୋଚନ ହେଲା ଶହୀଦ ଦୁର୍ଗା ହେମ୍ବ୍ରମ୍ ଙ୍କ ଆବକ୍ଷ ପ୍ରତିମୂର୍ତ୍ତି
★ ଋଣ କରି ବଡବଡିଆ ଘିଅ ପିଇବେ, ବିଷ ପିଇବେ ସାଧାରଣ ଲୋକ

# “୨୪ ଏପ୍ରିଲ” ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)ର ୭୯ତମ ପ୍ରତିଷ୍ଠା ଦିବସର ଆହ୍ୱାନ



୨୪ ଏପ୍ରିଲ, ଭାରତବର୍ଷର ସଂଗ୍ରାମୀ ବିପ୍ଳବୀ ଦଳ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)ର ପ୍ରତିଷ୍ଠା ଦିବସ। ଆଜକୁ ୭୯ବର୍ଷ ତଳେ, ଅର୍ଥାତ୍ ୧୯୪୮ ମସିହା, ଏହି ଦିନରେ ଶୋଷିତ ମଣିଷର ମୁକ୍ତିର ଏକମାତ୍ର ପଥ ପୁଞ୍ଜିବାଦ ବିରୋଧୀ ସମାଜତାନ୍ତ୍ରିକ ବିପ୍ଳବ ସଫଳ କରିବାର ଦୃଢ ସଂକଳ୍ପ ଓ ସ୍ୱପ୍ନ ନେଇ ଏ ଯୁଗର ଅନ୍ୟତମ ମାର୍କ୍ସବାଦୀ ଚିନ୍ତାନାୟକ କମ୍ରେଡ ଶିବଦାସ ଘୋଷ ମୁଷ୍ଟିମେୟ କେତେଜଣ ସହଯୋଦ୍ଧାଙ୍କୁ ନେଇ ସଂପୂର୍ଣ୍ଣ ଏକ ସହାୟ ସମ୍ବଳହୀନ ଅବସ୍ଥାରେ ଏହି ଦଳଟିକୁ ଗଢିତୋଳିଥିଲେ। ଦଳ ଗଠନ ସମୟରେ ତାଙ୍କର ବୟସ ହୋଇଥିଲା ମାତ୍ର ୨୫ ବର୍ଷ। ଏହାର ୬ ବର୍ଷ ପୂର୍ବରୁ ୧୯୪୨ ମସିହାରେ ମାତ୍ର ୧୮ ବର୍ଷ ବୟସରେ ଭାରତଛାଡ ଆନ୍ଦୋଳନର ବିପ୍ଳବୀ ଅନୁଶୀଳନ ସମିତିର ଜଣେ ସକ୍ରିୟ ତରୁଣ କର୍ମୀ ଭାବେ ଅଂଶଗ୍ରହଣ କରି ଗିରଫ ହୋଇଥିଲେ ଏବଂ ୧୯୪୫ ମସିହା ଯାଏ ଦୀର୍ଘ ୩ବର୍ଷ ଜେଲରେ ବନ୍ଦୀ ଥିଲେ। ଏହି ସମୟରେ ନିଜର ବିପ୍ଳବୀ ସାଥୀମାନଙ୍କ ସହିତ ସେ ମାର୍କ୍ସବାଦୀ ଦର୍ଶନର ବ୍ୟାପକ ଚର୍ଚ୍ଚା କରିଥିଲେ ଓ ସେହି ସମୟରେ ହିଁ ବୁଝିପାରିଥିଲେ ଯେ, ବ୍ରିଟିଶ ସାମ୍ରାଜ୍ୟବାଦୀ ଶାସକଶ୍ରେଣୀ କଂଗ୍ରେସ ଦଳ ଜରିଆରେ ଏ ଦେଶରେ ଜାତୀୟ ପୁଞ୍ଜିପତିଶ୍ରେଣୀ ହାତରେ କ୍ଷମତା ହସ୍ତାନ୍ତର କରିବାକୁ ଯାଉଛି ଏବଂ ଏହାଦ୍ୱାରା ହଜାର ହଜାର ସ୍ୱାଧୀନତା ସଂଗ୍ରାମୀ, ମୁକ୍ତିକାମୀ ଜନଗଣ ଓ ଶହୀଦଙ୍କ ସ୍ୱପ୍ନ, ବଳିଦାନ ତଥା ଦୀର୍ଘ ଦିନର ରକ୍ତକ୍ଷୟୀ ପ୍ରଚେଷ୍ଟା ବ୍ୟର୍ଥ ହେବାକୁ ଯାଉଛି। ସାମ୍ରାଜ୍ୟବାଦୀ ଇଂରେଜ ମାନଙ୍କ ସହିତ କଂଗ୍ରେସର ଆପୋଷ ବୁଝାମଣା ରାସ୍ତାରେ ଯେଉଁ ସ୍ୱାଧୀନତା ଆସିବ, ସେଥିରେ ଜନଗଣଙ୍କର ପ୍ରକୃତ ସ୍ୱାଧୀନତା ଅର୍ଥାତ୍ ଗଣମୁକ୍ତି ଆସିବ ନାହିଁ। ଦେଶ ରାଜନୈତିକଭାବେ ସ୍ୱାଧୀନ ହେବ ଓ ଏକ ସାର୍ବଭୌମ ରାଷ୍ଟ୍ର ପ୍ରତିଷ୍ଠିତ ହେବ, ତେବେ ଏହା ହେବ ଏକ ଶୋଷଣମୂଳକ ପୁଞ୍ଜିବାଦୀ ରାଷ୍ଟ୍ର। ବିଦେଶୀ ସାମ୍ରାଜ୍ୟବାଦୀ ଶାସକ ପରିବର୍ତ୍ତେ ଦେଶୀୟ ପୁଞ୍ଜିପତିଶ୍ରେଣୀ ଦେଶର ନୂତନ ଶାସକ ହେବେ ଓ ସେମାନଙ୍କ ଦ୍ୱାରା ଗଠିତ ଓ ଲାଳିତପାଳିତ ଭୋଟ ସର୍ବସ୍ୱ ଦଳମାନେ ସେମାନଙ୍କର ସେବାଦାସ ହୋଇ ସାଧାରଣ ଜନତାକୁ ଦାଣ୍ଡର ଭିକାରୀ ସଜେଇ ଏହି ପୁଞ୍ଜିପତିଶ୍ରେଣୀକୁ ହିମାଳୟସମ ପୁଞ୍ଜିର ପାହାଡ ଉପରେ ବସାଇବେ। ସେଥିପାଇଁ ସେ ଅଗଣିତ ଶହିଦଙ୍କ ଗଣମୁକ୍ତିର ସ୍ୱପ୍ନକୁ ସାକାର କରିବା ଉଦ୍ଦେଶ୍ୟରେ ସମାଜତାନ୍ତ୍ରିକ ବିପ୍ଳବ ସଂପନ୍ନ କରିବା ପାଇଁ ଏକ ଯଥାର୍ଥ କମ୍ୟୁନିଷ୍ଟ ଦଳ ପ୍ରତିଷ୍ଠାର ଐତିହାସିକ ପ୍ରୟୋଜନୀୟତାକୁ ଅନୁଭବ କରି ପାରିଥିଲେ। ପୁଣି ଲେନିନ୍‌ଙ୍କର ସେହି ଶିକ୍ଷା– “ବିପ୍ଳବୀ ତତ୍ତ୍ୱ ବିନା ବିପ୍ଳବୀ ଆନ୍ଦୋଳନ ଅସମ୍ଭବ” ଏବଂ “ସର୍ବୋନ୍ନତ ବିକଶିତ ତତ୍ତ୍ୱ ଦ୍ୱାରା ପରିଚାଳିତ ଏକ ପାର୍ଟି ଦ୍ୱାରା ହିଁ ସମାଜର ଅଗ୍ରଣୀ ବାହିନୀ ତା’ର ଭୂମିକା ସମ୍ପନ୍ନ କରିପାରିବ” କୁ ଯଥାର୍ଥ ଭାବରେ ଉପଲବ୍ଧି କରିପାରିଥିଲେ। ସେ ଆହୁରି ବି ବୁଝିଥିଲେ, କୌଣସି ଦେଶର ବିପ୍ଳବକୁ ଅନ୍ଧାନୁକରଣ କରି ଅନ୍ୟ ଗୋଟିଏ ଦେଶରେ ବିପ୍ଳବ ହୋଇନାହିଁ ବା ହେବା ସମ୍ଭବ ମଧ୍ୟ ନୁହେଁ। ବିପ୍ଳବ ସଫଳ କରିବାକୁ ହେଲେ ସେହି ବିଶେଷ ଦେଶର ବିଶେଷ ପରିସ୍ଥିତିରେ ମାର୍କ୍ସବାଦ-ଲେନିନବାଦ କୁ ପ୍ରୟୋଗ କରିବାକୁ ଯାଇ ମାର୍କ୍ସବାଦୀ ଜ୍ଞାନ ଭଣ୍ଡାରରେ କିଛି ନୂତନ ଓ ମୌଳିକ ସଂଯୋଜନ କରିବାକୁ ପଡିଥାଏ। ଋଷିଆରେ କମ୍ରେଡ୍ ଲେନିନ୍ ଏବଂ ଚୀନରେ ମାଓ ସେତୁଙ୍ଗ ଏହି ପ୍ରକ୍ରିୟାରେ ହିଁ ସେହି ଦେଶମାନଙ୍କରେ ବିପ୍ଳବ ସଫଳ କରିଥିଲେ। ଏହି ଉପଲବ୍ଧି ଭିତ୍ତିରେ ନିରଳସ କଠିନ ସଂଗ୍ରାମ ପରିଚାଳନାର ମଧ୍ୟ ଦେଇ ବହୁ ନୂତନ ଓ ମୌଳିକ ସଂଯୋଜନ ଜରିଆରେ ସେ ମାର୍କ୍ସବାଦ-ଲେନିନ୍‌ବାଦକୁ ଭାରତର ବିଶେଷ ପରିସ୍ଥିତିରେ ବିଶେଷୀକୃତ ଓ ବିକଶିତ କରିଛନ୍ତି ଏବଂ ଏହି ପ୍ରକ୍ରିୟାରେ ଏହାର ଉନ୍ନତତର ରୂପକୁ ଜନ୍ମ ଦେଇଛନ୍ତି। ଅନ୍ୟଦିଗରେ ପୁଣି ସେ ମାର୍କ୍ସବାଦ-ଲେନିନ୍‌ବାଦର ଅସଲ ନିର୍ଯ୍ୟାସକୁ ଉପଲବ୍ଧି କରିପାରିଥିଲେ ଏବଂ ବିପ୍ଳବୀ ସଂସ୍କୃତି ଓ କମ୍ୟୁନିଷ୍ଟ ନୈତିକତା ଉପରେ ହିଁ ସର୍ବାଧିକ ଗୁରୁତ୍ୱ ଦେଇଥିଲେ। ସେଥିପାଇଁ ସେ କହିଥିଲେ, ‘ବିପ୍ଳବୀ ରାଜନୀତିର ପ୍ରାଣ, ଉନ୍ନତ ସଂସ୍କୃତିର ମାନ।’

ଯୌବନର ପ୍ରଥମ ପାହାଚରେ ପାଦ ଦେଇଥିବା କମ୍ରେଡ ଶିବଦାସ ଘୋଷ ଭାରତବର୍ଷରେ ଲେନିନୀୟ ମଡେଲରେ ଏକ ଯଥାର୍ଥ କମ୍ୟୁନିଷ୍ଟ ପାର୍ଟି ଗଠନ ପାଇଁ ସଂଗ୍ରାମ ଚଳାଇଥିଲାବେଳେ ତାଙ୍କର ଏହି ପ୍ରଚେଷ୍ଟାକୁ ଅନେକ ଯୌବନର ବାଚଲାମି କହି ପରିହାସ କରିଛନ୍ତି। ମାତ୍ର ଆଜି ଇତିହାସ ତା’ର ମୂଲ୍ୟ ଦେଇଛି। ଭାରତବର୍ଷର ପ୍ରାୟ ସମସ୍ତ ରାଜ୍ୟରେ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଦଳ ଗଢିଉଠିଛି। ପୁଞ୍ଜିପତିଶ୍ରେଣୀର ଟଙ୍କା ଥଳି ବଳରେ ନୁହେଁ କି ଏମପି, ଏମଏଲଏ ଶକ୍ତି ବା ପ୍ରଶାସନିକ ମଦତ କିମ୍ବା ସେମାନଙ୍କ ପଦଲେହନକାରୀ ଗଣମାଧ୍ୟମର ପ୍ରଚାର ସାହାଯ୍ୟରେ ନୁହେଁ। ଏହି ଦଳ ତା’ର ସଠିକ୍ ରାଜନୈତିକ ଲାଇନ, ଏ ଯୁଗର ଉନ୍ନତତର ଓ ମହତ୍ତର ଆଦର୍ଶ ମାର୍କ୍ସବାଦ-ଲେନିନ୍‌ବାଦ-କମ୍ରେଡ ଶିବଦାସ ଘୋଷଙ୍କ ଚିନ୍ତାଧାରାର ଅପରାଜେୟ ଶକ୍ତି ବଳରେ ହିଁ ଉତ୍ତୋରତ୍ତର ବିକାଶଲାଭ କରୁଛି। ଦେଶ ବାହାରେ ମଧ୍ୟ କମ୍ରେଡ ଶିବଦାସ ଘୋଷଙ୍କ ଚିନ୍ତା ଶିକ୍ଷା ଆଦୃତ ହେଉଛି। ଆଜି ପାର୍ଟିର ପ୍ରତିଷ୍ଠା ଦିବସ ଦେଶବ୍ୟାପୀ ଶୋଷିତ ମଣିଷ ଗଭୀର ଆବେଗ ଓ ମର୍ଯ୍ୟାଦାର ସହ ପାଳନ କରୁଛି।

ଦିନ ଯେତେ ଯାଉଛି, କମ୍ରେଡ ଶିବଦାସ ଘୋଷଙ୍କ ଜାତୀୟ ତଥା ଆନ୍ତର୍ଜାତିକ ପରିସ୍ଥିତି ସଂପର୍କିତ ବ୍ୟାଖ୍ୟା ଓ ଦିଗନିର୍ଦ୍ଦେଶର ଅଭ୍ରାନ୍ତତା ତଥା ତାତ୍ପର୍ଯ୍ୟ ସେତେ ଉଜ୍ଜ୍ୱଳ ହୋଇ ପ୍ରତିଭାତ ହେଉଛି। ଆଜି ଦେଶ ଓ ବିଶ୍ୱର ପରିସ୍ଥିତି ତାର ବଡ ପ୍ରମାଣ। କି କରୁଣ ଓ ଭୟାବହ ପରିସ୍ଥିତି ମଧ୍ୟ ଦେଇ ଶୋଷିତ ମଣିଷ ଦିନ କାଟୁଛି। ଏକ ଅଭୂତପୂର୍ବ ମର୍ମାନ୍ତିକ ସଂକଟ ମଧ୍ୟରେ ସମଗ୍ର ଦେଶ ଓ ବିଶ୍ୱ ଆବର୍ତ୍ତିତ ହେଉଛି। ଲୋକେ କ’ଣ ଖାଇବେ, କ’ଣ କିଣିବେ, ସେହି ଚିନ୍ତାରେ ହନ୍ତସନ୍ତ ହେଉଛନ୍ତି। ଜନଗଣଙ୍କର ଏହି ଗଭୀର ଦୁଃସମୟରେ କେନ୍ଦ୍ରର ମୋଦୀ ସରକାର କର୍ପୋରେଟ ସ୍ୱାର୍ଥରକ୍ଷାକାରୀ ଆର୍ଥିକ ନୀତି, ଦୀର୍ଘ କଷ୍ଟାର୍ଜିତ ସଂଗ୍ରାମଲବ୍ଧ ଅଧିକାରଗୁଡିକୁ ଗୋଟିଏ ପରେ ଗୋଟିଏ ହରଣ କରି ଶେଷରେ ଶ୍ରମିକମାନଙ୍କୁ ସେମାନଙ୍କ ସର୍ବନିମ୍ନ ଅଧିକାର ଓ ସୁବିଧା ସୁଯୋଗରୁ ସଂପୂର୍ଣ୍ଣ ବଂଚିତ କରିବାପାଇଁ ଶ୍ରମ ଆଇନ ସଂଶୋଧନ କରି ଶ୍ରମକୋର୍ଡ ପ୍ରଚଳନ, ଜନବିରୋଧି କୃଷିନୀତି, ଜାତୀୟ ଶିକ୍ଷାନୀତି ୨୦୨୦ ଭଳି ବହୁ ମାରାତ୍ମକ ଜନବିରୋଧି ପଦକ୍ଷେପ ଗୁଡିକୁ ସୁଚତୁର ଭାବେ ଅତି ଅଗଣତାନ୍ତ୍ରିକ ପଦ୍ଧତିରେ ଲାଗୁ କରିଚାଲିଛନ୍ତି।

ଏହି ସମସ୍ତ ନୀତିଗୁଡିକ ହିଁ ଅତୀତରେ କଂଗ୍ରେସ ସରକାରଦ୍ୱାରା ପ୍ରଣୀତ ଜଗତୀକରଣ ଅର୍ଥନୀତିର ସାମଗ୍ରିକ ଯୋଜନାର ଅଂଶବିଶେଷ। ଏହି ଧାରାରେ ରେଳ, ସଡକ, ବ୍ୟାଙ୍କ, ବୀମା, ଖଣି ଖାଦାନ ସମେତ ସମସ୍ତ ସରକାରୀ ସଂପତ୍ତି ଘରୋଇ ପୁଞ୍ଜିପତିମାନଙ୍କ ହାତରେ ବିକ୍ରି କରି ଦେଇ ପୁଞ୍ଜିପତିଙ୍କର ଲୁଟର ବଜାରକୁ ଆହୁରି ସଂପ୍ରସାରିତ କରାଯାଇଛି। ପୁଣି କେନ୍ଦ୍ର ମୋଦି ସରକାର ରନ୍ଧନଗ୍ୟାସ, ପେଟ୍ରୋଲ, ଡିଜେଲ, କିରୋସିନି ସମସ୍ତ ପ୍ରକାର ଖାଦ୍ୟ ସାମଗ୍ରୀ, ଖାଇବା ତେଲ, ଲୁଣ ଭଳି ସମସ୍ତ ନିତ୍ୟବ୍ୟବହାର୍ଯ୍ୟ ଜିନିଷପତ୍ର, ସାମାନ୍ୟ ପାରାସିଟାମଲ ବଟିକାରୁ ଆରମ୍ଭ କରି ଜୀବନରକ୍ଷାକରୀ ଔଷଧ ପର୍ଯ୍ୟନ୍ତ ସବୁକିଛିର ବେପରୁଆ ଓ ବେଲଗାମ ଦରବୃଦ୍ଧି କରି କାର୍ଯ୍ୟତଃ ସାଧାରଣ ଜନତାଙ୍କ ଉପରେ ନୃଶଂସ ଲୁଟତରାଜ ଚଳାଇଛନ୍ତି। ରାଜ୍ୟର ଡବଲ ଇଂଜିନ ସରକାର ରାଜ୍ୟବାସୀଙ୍କୁ ହାହାକାରମୟ ପରିସ୍ଥିତି ମଧ୍ୟକୁ ଠେଲି ଦେଇଛନ୍ତି। ଲୋକଙ୍କର ବଂଚିବାର ଆଉ କୌଣସି ରାହା ନାହିଁ। ତତଲା କଡାରେ ଭାଜି ହେଲା ଭଳି ଲୋକେ ମରି ମରି ଯିଉଁଛନ୍ତି। ନା ଚାକିରୀ ଅଛି, ନା ବଂଚିବାର କୌଣସି କର୍ମସଂସ୍ଥାନ ଅଛି। ନା ଶିକ୍ଷା ଅଛି, ନା ଚିକିତ୍ସାର ସୁଯୋଗ ଅଛି। ଲୋକେ ବଂଚିବାପାଇଁ ଡହଳ ବିକଳ ହେଉଥିବା ବେଳେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଜନଗଣଙ୍କ ଉପରେ ଅତି ନିର୍ମମଭାବେ କର ପରେ କର ବସାଇ ଚାଲିଛନ୍ତି, ମାତ୍ର ପୁଞ୍ଜିର ପାହାଡ ଉପରେ ବସିଥିବା ପୁଞ୍ଜିପତିମାନଙ୍କୁ କରଛାଡ କରୁଛନ୍ତି। ଖାଲି ଏତିକି ନୁହେଁ, ଜନଗଣଙ୍କ କଷ୍ଟାର୍ଜିତ ଟିକସ ଖଜଣାରେ ଗଠିତ ରାଜକୋଷରୁ କୋଟି କୋଟି ଟଙ୍କା ଏମାନଙ୍କୁ ଦାନ କରିଦେଉଛନ୍ତି। ଏ କ୍ଷେତ୍ରରେ ବର୍ତ୍ତମାନର ମୋଦି ସରକାର ଅତୀତର ସବୁ ରେକର୍ଡକୁ ଟପି ଯାଇଛି। ଏହିଭଳି ସମୟରେ ଇରାନ ଉପରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ଜନସାଧାରଣଙ୍କୁ ଆହୁରି ଗଭୀର ଦୁର୍ଦ୍ଦଶା ମଧ୍ୟରେ ନିକ୍ଷେପ କରିଛି। ଯୁଦ୍ଧ ଆଳରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ହୁ ହୁ ହୋଇ ବଢିଚାଲିଛି। ଇତିମଧ୍ୟରେ ସରକାର ରନ୍ଧନ ଗ୍ୟାସ ଦର ବ୍ୟାପକ ବୃଦ୍ଧି କରିଛନ୍ତି। ଡଲାର ତୁଳନାରେ ଟଙ୍କାର ମୂଲ୍ୟ ଦ୍ରୁତ ହ୍ରାସ ପାଇ ଏକ ଡଲାର ୯୪ଟଙ୍କା ଟପିଲାଣି। ଏହାର ସିଧାସଳଖ ପ୍ରଭାବ ପଡୁଛି ସାଧାରଣ ମଧ୍ୟବିତ୍ତଙ୍କ ଉପରେ।

ପୁଣି ଦାରିଦ୍ର୍ୟର କଷାଘାତରେ ଜର୍ଜରିତ ଅସହାୟ ମଣିଷକୁ ଆହୁରି ସର୍ବସ୍ୱାନ୍ତ, ପାଗଳ, ମାନସିକ ବିକାରଗ୍ରସ୍ତ କରି ଜନ୍ତୁ ଜାନୁଆରରେ ପରିଣତ କରିବାପାଇଁ ସରକାରୀ ପ୍ରୋତ୍ସାହନରେ ମଦ, ଡ୍ରଗ୍ସ ଓ ଅନ୍ୟାନ୍ୟ ମାରାତ୍ମକ ନିଶାଦ୍ରବ୍ୟର ଅବାଧ ପ୍ରସାର ଚାଲିଛି। ଆମ ରାଜ୍ୟର ବିଜେଡି ସରକାର ମଦ ଓ ନିଶା ବେପାରୀମାନଙ୍କ ହାତରେ ଯେମିତି କ୍ରୀଡନକ ସାଜିଛନ୍ତି। ‘ମିଶନ ଶକ୍ତି’, ନାରୀ ସଶକ୍ତିକରଣର ଡିଣ୍ଡିମ ପିଟି ରାଜ୍ୟ ସରକାର ମହିଳା ଭୋଟକୁ ଭଲଭାବେ ହାତେଇଛନ୍ତି, କିନ୍ତୁ ନାରୀମାନଙ୍କର କରୁଣ ଅବସ୍ଥା ଆଜି କେତେ ମର୍ମାନ୍ତିକ ତା’ ବୁଝାଇ କହିବାର ଆବଶ୍ୟକତା ନାହିଁ।

ଏହିଭଳି ଘୋର ଦୁର୍ଦ୍ଦିନରେ କାଳାତିପାତ କରୁଥିବା ଜନସାଧାରଣଙ୍କୁ ଆଉ ଏକ ଭୟାବହ ବିପଦର ସମ୍ମୁଖୀନ ହେବାକୁ ପଡୁଛି। ସାଂପ୍ରଦାୟିକତା, ଉଗ୍ର ଧର୍ମୀୟ ବିଦ୍ୱେଷ, ଜାତିଆଣାଭାବ ଓ ଆଂଚଳିକ ସଂକୀର୍ଣ୍ଣତାବାଦୀ ଚିନ୍ତାକୁ ଉସକାଯାଇ ଜନଗଣଙ୍କ ମଧ୍ୟରେ ଅବିଶ୍ୱାସ, ସନ୍ଦେହ ଓ ଘୃଣାଭାବକୁ ତେଜୀୟାନ କରାଯାଉଛି ଓ ଜନଗଣଙ୍କ ଐକ୍ୟକୁ ଧ୍ୱଂସକରି ନାରକୀୟ ସାଂପ୍ରଦାୟିକ ହିଂସା, ହତ୍ୟା, ଗଣହତ୍ୟା, ଦଙ୍ଗା ଆଦି ବର୍ବର ଘଟଣାମାନ ରାଷ୍ଟ୍ରୀୟ ଉଦ୍ୟୋଗରେ ହିଁ ସଂଗଠିତ ହେଉଛି। ଡବଲ ଇଂଜିନ ସରକାର ସମେତ ବିଭିନ୍ନ ରାଜ୍ୟର କ୍ଷମତାସୀନ ଆଂଚଳିକ ଦଳମାନେ ପୁଞ୍ଜିପତି ଶ୍ରେଣୀ ସ୍ୱାର୍ଥରେ ଏହି ଘୃଣ୍ୟ ଖେଳରେ ଲିପ୍ତ।

ଏହିଭଳି ଏକ ବିସ୍ଫୋରକ ପରିସ୍ଥିତିରେ ପୁନର୍ବାର ୨୪ ଏପ୍ରିଲ, ପାର୍ଟି ପ୍ରତିଷ୍ଠା ଦିବସ ଉପନୀତ ହୋଇଛି। ଏହି ଦିବସ ପୁଣି ଥରେ ଆମକୁ ମହାନ ନେତା କମ୍ରେଡ୍ ଶିବଦାସ ଘୋଷଙ୍କର ସେହି ବକ୍ତବ୍ୟକୁ ସ୍ମରଣ କରାଇ ଦେଉଛି, “ଭୋଟ ଜରିଆରେ ହଜାର ବାର ସରକାର ପରିବର୍ତ୍ତନ ବା ଆକ୍ଷରିକ ଅର୍ଥରେ ଆଇନ କାନୁନ ସଂଶୋଧନ କରିବାର ଚେଷ୍ଟା ମଧ୍ୟ ଦେଇ ପୁଞ୍ଜିବାଦୀ ରାଷ୍ଟ୍ର ଓ ପୁଞ୍ଜିବାଦୀ ଶୋଷଣ ବ୍ୟବସ୍ଥାରୁ ଜନସାଧାରଣଙ୍କ ମୁକ୍ତି ପାଇବା ଅସମ୍ଭବ। ଏହି ମୁକ୍ତି ଅର୍ଜନର ଏକମାତ୍ର ପଥ ହେଉଛି, ଜନସାଧାରଣଙ୍କର ଗଣତାନ୍ତ୍ରିକ ଆନ୍ଦୋଳନକୁ ସଠିକ୍ ବିପ୍ଳବୀ ଧାରାରେ ପରିଚାଳନା ମଧ୍ୟ ଦେଇ ଧିରେ ଧିରେ ଜନସାଧାରଣଙ୍କ ଅମୋଘ ସଂଘଶକ୍ତି ଗଢିତୋଳିବା ଏବଂ ବିପ୍ଳବୀ ଶ୍ରମିକଶ୍ରେଣୀ ଦଳର ନେତୃତ୍ୱରେ ସମାଜତାନ୍ତ୍ରିକ ବିପ୍ଳବ ସଂପନ୍ନ କରିବା।” ଏହା ହିଁ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପ୍ରତିଷ୍ଠା ବାର୍ଷିକୀର ଆହ୍ୱାନ।

★★★

# ଗ୍ୟାସ ସଙ୍କଟ - ପୁଞ୍ଜିପତିମାନଙ୍କ ସ୍ୱାର୍ଥ ପାଇଁ ବିଜେପି ସରକାର ଜନଗଣଙ୍କୁ ଦୁର୍ଦ୍ଦଶା ମଧ୍ୟକୁ ଠେଲି ଦେଉଛି

ପ୍ରଥମେ ପ୍ରଧାନମନ୍ତ୍ରୀଙ୍କ ନୋଟବନ୍ଦୀ ଘୋଷଣା ପରେ ବ୍ୟାଙ୍କଗୁଡ଼ିକରେ ନୋଟ ବଦଳାଇବା ପାଇଁ ଦୀର୍ଘ ଲାଇନ, ପୁଣି ସେହି ଲାଇନରେ ଛିଡ଼ା ହୋଇ ଶତାଧିକ ଲୋକଙ୍କର ମୃତ୍ୟୁ, କରୋନା ମହାମାରୀ ସମୟରେ ଆବଶ୍ୟକ ଖାଦ୍ୟ ଯୋଗାଡ଼ ପାଇଁ ଉଦବିଗ୍ନ ଲୋକଙ୍କର ଦୌଡ଼ା ଦୌଡ଼ି, ଗ୍ୟାସ ସହିତ ଆଧାର ଲିଙ୍କ ପାଇଁ ଗ୍ୟାସ ଦୋକାନରେ ଲମ୍ବା ଲାଇନ, ଇ ଶ୍ରମ କାର୍ଡ ପାଇଁ ନାରୀ ପୁରୁଷ ଜନସେବା କେନ୍ଦ୍ର ସମ୍ମୁଖରେ ଆହୋରାତ୍ର ବିନିଦ୍ର ରଜନୀ କାଟିବା ଓ ସମ୍ପ୍ରତି ଖାଲି ସିଲିଣ୍ଡର ଧରି ଗ୍ୟାସ ଦୋକାନ ଆଗରେ ଛିଡ଼ା ହେବା ଘଟଣା ଗୁଡ଼ିକ କେନ୍ଦ୍ର ବିଜେପି ସରକାରଙ୍କ ଜନ ବିରୋଧୀ ନୀତିର ଶ୍ରେଷ୍ଠ ନମୁନା।

ପ୍ରକୃତ ପକ୍ଷେ କେନ୍ଦ୍ର ବିଜେପି ସରକାରଙ୍କର ଚରମ ପରିକଳ୍ପନାହୀନ ନୀତି ଜନଜୀବନର ପ୍ରତ୍ୟେକ କ୍ଷେତ୍ରରେ ଲୋକମାନଙ୍କୁ ବ୍ୟାପକ ଦୁର୍ଦ୍ଦଶା ମଧ୍ୟକୁ ଠେଲି ଦେଉଛି। ବର୍ତ୍ତମାନର ଗ୍ୟାସ ସଙ୍କଟ ସରକାରଙ୍କ ଦାୟିତ୍ୱହୀନତା ଓ ପରିକଳ୍ପନାର ଅଭାବକୁ ସ୍ପଷ୍ଟ ଭାବେ ପ୍ରମାଣ କରୁଛି। ଭାରତ ବର୍ଷରେ ଗ୍ୟାସ ସରବରାହର ବେଶୀ ଭାଗ ଆମଦାନୀ ଉପରେ ନିର୍ଭରଶୀଳ। ପଶ୍ଚିମ ଏସିଆର ବିଭିନ୍ନ ଦେଶରୁ ମୂଳତଃ ହର୍ମୁଜ ପ୍ରଣାଳୀ ଦେଇ ତେଲ ଓ ଗ୍ୟାସ ଆସିଥାଏ। ଇସ୍ରାଏଲ - ଆମେରିକାର ଇରାନ ଉପରେ ଆକ୍ରମଣ ଫଳରେ ଗ୍ୟାସ ଆମଦାନୀ ପ୍ରାୟ ବନ୍ଦ ହେବାକୁ ବସିଛି । ଦେଶର ଲୋକଙ୍କ ପ୍ରତି ଦାୟବଦ୍ଧତା ଥିଲେ ସରକାର ପୂର୍ବରୁ ଆବଶ୍ୟକ ପରିମାଣର ରନ୍ଧନ ଗ୍ୟାସ ଓ ପେଟ୍ରୋଲ, ଡିଜେଲ ମହଜୁଦ କରିବା କଥା ଭାବିଥାଆନ୍ତେ। ସେ ସବୁ କିଛି ନ କରି କେନ୍ଦ୍ର ସରକାରଙ୍କ ମନ୍ତ୍ରୀ କେବଳ ବିବୃତ୍ତି ଦେଇ ଚାଲିଛନ୍ତି, ଯେ ଗ୍ୟାସ କିମ୍ବା ତେଲର କୌଣସି ଅଭାବ ନାହିଁ ।

ପ୍ରକୃତ ଘଟଣା କ'ଣ ? ସାଧାରଣ ଲୋକ ଆବଶ୍ୟକ ଗ୍ୟାସ ପାଉ ନାହାନ୍ତି। ଡିଲର ମାନେ ବୁକିଂ ନମ୍ବର ଅଫ କରି ରଖିଛନ୍ତି। ଗ୍ୟାସ ଦୋକାନ ସମ୍ମୁଖରେ ବୁକିଂର ଲମ୍ବା ଲାଇନ। ପୁଣି କେଉଁଠି କେଉଁଠି ଖାଲି ସିଲିଣ୍ଡରର ଦୀର୍ଘ ଲାଇନ, ଠିକ ସେହି ସମୟରେ କେନ୍ଦ୍ରର ପେଟ୍ରୋଲିୟମ ବିଭାଗରୁ ବାର୍ତ୍ତା ଆସୁଛି ଗ୍ୟାସ ବୁକିଂ ପାଇଁ ଲାଇନ ଦେବା ପ୍ରୟୋଜନ ନାହିଁ। ଘରୋଇ ବ୍ୟବହାର ପାଇଁ ଏଲପିଜି ସିଲିଣ୍ଡରର କୌଣସି ଅଭାବ ନାହିଁ। ବାସ୍ତବରେ ଯଦି କୌଣସି ଅଭାବ ନ ଥାଏ, ତାହେଲେ ସିଲିଣ୍ଡର ଯୋଗାଣ କ୍ଷେତ୍ରରେ ସରକାର ଲଗାମ ଟାଣୁଛନ୍ତି କାହିଁକି ? ପ୍ରଥମେ ୨୧ଦିନ, ପରେ ୨୫ଦିନ ପୂର୍ବରୁ ବୁକିଂ ନ ଦେବାକୁ କାହିଁକି ଘୋଷଣା କଲେ ? ଗ୍ରାମାଂଚଳମାନଙ୍କରେ ୪୫ଦିନ ସମୟ ଧାର୍ଯ୍ୟ କରାଗଲା କାହିଁକି ? ସଂପ୍ରତି ରାଜ୍ୟ ସରକାର ୫ କିଲୋ ଓଜନର ଛୋଟ ଗ୍ୟାସ ସିଲିଣ୍ଡର ବିକ୍ରି ନିଷେଧ କରିଛନ୍ତି କାହିଁକି ? କିରୋସିନି ବ୍ୟବହାରପାଇଁ ଲୋକଙ୍କୁ ଉପଦେଶ ଦେଉଛନ୍ତି କାହିଁକି ?

ବଡ଼ ବଡ ବାଣିଜ୍ୟିକ ସଂସ୍ଥା ଗୁଡ଼ିକ ପକ୍ଷରେ କଳାବଜାରରୁ ବେଶୀ ଦାମ ଦେଇ ସିଲିଣ୍ଡର ସଂଗ୍ରହ କରିବା ସେମାନଙ୍କ ପାଇଁ କୌଣସି ଅସୁବିଧା ନାହିଁ। ଛୋଟ ଛୋଟ ସଂସ୍ଥା ମାଡ଼ ଖାଉଛନ୍ତି। ଛୋଟ ହୋଟେଲ, ରେଷ୍ଟୁରାଣ୍ଟ, ଫୁଟପାଥର ଜଳଖିଆ ଦୋକାନୀମାନେ ସିଲିଣ୍ଡର ଯୋଗାଡ଼ କରିନପାରି ବ୍ୟବସାୟ ବନ୍ଦ କରିଦେଉଛନ୍ତି। ଫଳରେ ଦେଶ ବ୍ୟାପୀ ଅସଂଖ୍ୟ ଶ୍ରମିକ - କର୍ମଚାରୀ କାମ ହରାଇଛନ୍ତି।

ଆମେରିକା -ଇସ୍ରାଏଲର ଇରାକ ଉପରେ ଆକ୍ରମଣର କିଛିଦିନ ମଧ୍ୟରେ କେନ୍ଦ୍ର ବି ଜେ ପି ସରକାର ଘରୋଇ ଗ୍ୟାସର ଦାମ ସିଲିଣ୍ଡର ପିଛା ୬୦ଟଙ୍କା ବୃଦ୍ଧିକଲେ । ମାତ୍ର ୧୧ ଦିନ ପୂର୍ବରୁ ସେହି ରୋଷେଇ ଗ୍ୟାସର ଦାମ ୫୦ ଟଙ୍କା ବଢ଼ିଥିଲା । ଯେଉଁ ରୋଷେଇ ଗ୍ୟାସ ଏକ ନିତ୍ୟ ପ୍ରୟୋଜନୀୟ ସାମଗ୍ରୀ, ଆନ୍ତର୍ଜାତିକ ପରିସ୍ଥିତିର ଆଳରେ ଗୋଟିଏ ଗଣତାନ୍ତ୍ରିକ ସରକାର ସଂଗେ ସଂଗେ ସେହି ଗ୍ୟାସର ଦାମ ବୃଦ୍ଧିକରି ସାଧାରଣ ଲୋକଙ୍କ ଉପରେ ତାର ବୋଝ କଣ ଲଦି ଦେଇ ପାରେ ? ଗୋଟିଏ ଗଣତାନ୍ତ୍ରିକ ସରକାର ଜନଗଣଙ୍କ ଉପରେ ମୂଲ୍ୟ ବୃଦ୍ଧିର ଚାପ ନ ଲଦିବାକୁ ଚେଷ୍ଟା କରିବା ଜରୁରୀ। ୨୦୨୨ରେ ୟୁକ୍ରେନ ଯୁଦ୍ଧ ଆରମ୍ଭ ସମୟରୁ ଭାରତ ରୁଷିଆ ଠାରୁ ଅତି ଶସ୍ତାରେ ତେଲ କିଣୁଥିଲା । ଫଳରେ ତେଲ କମ୍ପାନୀମାନେ ବିପୁଳ ଟଙ୍କା ଲାଭ କରିଛନ୍ତି । ସେହି ପ୍ରଚୁର ପରିମାଣର ଲାଭରୁ ଦେଶର ଜନଗଣ କୌଣସି ଲାଭ ପାଇ ନାହାନ୍ତି । କୌଣସି କାରଣରୁ ଯଦି ଆନ୍ତର୍ଜାତିକ ବଜାରରେ ତେଲର ଦାମ ବଢ଼ିଲେ ବି ଦେଶୀୟ ବଜାରରେ ଯେମିତି ତାର ପ୍ରଭାବ ନ ପଡ଼େ, ସେଥିପାଇଁ ସରକାର ପ୍ରତିଶ୍ରୁତି ଦେଇଥିଲେ । କେତେକ ରାଜ୍ୟରେ ଚାଲିଥିବା ନିର୍ବାଚନ ଶେଷ ହେଲେ ପେଟ୍ରୋଲ ଡିଜେଲ ଦାମ ବ୍ୟାପକ ବୃଦ୍ଧି ପାଇବାର ଆଶଂକା ଲାଗି ରହିଛି।

ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ବିପକ୍ଷରେ ବସିଥିବା କଂଗ୍ରେସ ଦଳ ଏହି ସମୟରେ ନିରବ ରହିବା। ଏଭଳି ଏକ ଅଭାବମୟ ସମୟରେ ଭାରତର ଜନସାଧାରଣ ହନ୍ତସନ୍ତ ହେଉଥିବା ସମୟରେ ଭାରତକୁ ଆସୁଥିବା କଞ୍ଚା ତୈଳ ଭାରତର ଲୋକଙ୍କ ପାଇଁ ବିନିଯୋଗ ହେଉ, ଏହା ସରକାର ନିଶ୍ଚିତ କରିବା ଜରୁରୀ। ଏଠାରେ ସୂଚନାଯୋଗ୍ୟ ମନମୋହନ ସିଂହଙ୍କ ନେତୃତ୍ୱରେ ପରିଚାଳିତ କେନ୍ଦ୍ର କଂଗ୍ରେସ ସରକାର ଦେଶରେ ବିଶେଷ ଅର୍ଥନୈତିକ ଅଂଚଳ(ଏସ୍‌ଇଜେଡ୍) ପ୍ରତିଷ୍ଠା ପାଇଁ ଆଇନ ପ୍ରଣୟନ କରିଥିଲେ। ଗୁଜରାଟସ୍ଥିତ ଜାମନଗରରେ ଥିବା ରିଲାଏନ୍ସ କମ୍ପାନୀ ରିଫାଇନାରୀ ଏହାର ନଗ୍ନ ଉଦାହରଣ। ଭାରତବର୍ଷର ଜନସାଧାରଣଙ୍କର ଟଙ୍କାରେ ହଜାର ହଜାର ଏକର ଜଙ୍ଗଲକୁ ସଫାକରି ପ୍ରାୟ ୭୫୦୦ ଏକର ଜାଗା ଉପରେ ନିର୍ମାଣ ହେଲା ରିଲାଏନ୍ସ ରିଫାଇନାରୀ। ଖାଲି ସେତିକି ନୁହେଁ, ପ୍ରଥମ ୫ବର୍ଷ ପାଇଁ ଏହି କମ୍ପାନୀକୁ ଆମଦାନୀ, ରପ୍ତାନୀ କରରୁ ମୁକ୍ତ କରାଗଲା। ତା ପରେ ୫୦ ପ୍ରତିଶତ ଟ୍ୟାକ୍ସ ଲଗାଯିବ ବୋଲି ଘୋଷଣା କରାଗଲା। ବର୍ତ୍ତମାନ ସେଠାରେ ଦେଶର ୬୫ ପ୍ରତିଶତ ଡିଜେଲ ଏବଂ ୩୫ ପ୍ରତିଶତ ଜେଟ ଇନ୍ଧନ ପ୍ରସ୍ତୁତ ହେଉଛି। ବର୍ତ୍ତମାନ ଦୁର୍ଦ୍ଦିନ ସମୟରେ ପେଟ୍ରୋଲ ଓ ଡିଜେଲର ଘୋର ସଂକଟ ଚାଲିଥିଲା ବେଳେ ରିଲାଏନ୍ସ ଆଗ ଅପେକ୍ଷା ୨୦ପ୍ରତିଶତ ଅଧିକ ମୁନାଫା ଅର୍ଜନ କରୁଛି। ଋଷ, ଚୀନ ପରି ଦେଶଗୁଡ଼ିକ ପେଟ୍ରୋଲ ରପ୍ତାନୀ ଉପରେ କଟକଣା ଲାଗୁକରିଥିବା ସମୟରେ ରିଲାଏନ୍ସ ଉପରେ କୌଣସି କଟକଣା ଲାଗୁ କରାଯାଇ ନାହିଁ। ଏହାର କାରଣ ଏହି ଏସ୍‌ଇଜେଡ୍ କରିଡର ପାଇଁ। ଏହା ଭାରତରେ ଅବସ୍ଥାନ କରୁଥିଲେ ମଧ୍ୟ ଏହା ବିଦେଶୀ ସ୍ଥାନ ଭାବରେ ଗଣନା କରାଯିବ ବୋଲି ନିୟମ ରହିଛି। ତେଣୁ ଭାରତ ସରକାର ଏହା ଉପରେ କୌଣସି ପ୍ରତିବନ୍ଧକ ଲଗାଇ ପାରିବେ ନାହିଁ। କାରଣ ଏହା ସେଜ ଅନ୍ତର୍ଭୁକ୍ତ। ଏହାର ସୁଯୋଗରେ ପୂର୍ବ ସ୍ୱାକ୍ଷରିତ ଚୁକ୍ତି ଅନୁଯାୟୀ କମ୍ପାନୀ ଋଷଠାରୁ ଶସ୍ତା ଦରରେ ତୈଳ ଆମଦାନୀ କରୁଛି ଏବଂ ଏହାକୁ ସେ ବାହାର ଦେଶକୁ ରପ୍ତାନୀ କରି ପ୍ରଚୁର ଲାଭ କରୁଛି। ଭାରତ ଜନଗଣଙ୍କର ଆବଶ୍ୟକତାକୁ ଭ୍ରୁକ୍ଷେପ ନକରି କମ୍ପାନୀ ମୁନାଫାର ପାହାଡ଼ ବଢ଼ାଇଚାଲିଛି। ଭାରତ ସରକାର ସହବନ୍ଧିତ ତୈଳ କମ୍ପାନୀ ଗୁଡ଼ିକ ବର୍ତ୍ତମାନ ତେଲପାଇଁ ଯେତିକି ଟଙ୍କା ଦେଇ କଂଚା ତେଲ ଚଢ଼ାଦରରେ ଆମଦାନୀ କରୁଛନ୍ତି, ବର୍ତ୍ତମାନ ନିର୍ବାଚନ ପାଇଁ ଏହି ତୈଳ ଦରକୁ ନବଢ଼ାଇ, ଭାରତ ସରକାର ରିହାତି ଦେଇଛନ୍ତି। ଆଗାମୀ ଦିନରେ ତେଲ ଦର ଆକାଶଛୁଆଁ ନିଶ୍ଚିତ ହେବ। ମାତ୍ର କେନ୍ଦ୍ର ସରକାର ନିରବ। ଏକଚାଟିଆ ପୁଞ୍ଜିପତି ମାନଙ୍କ ସ୍ୱାର୍ଥ ରକ୍ଷା କରିବା ଏବଂ ଯେନତେନ ପ୍ରକାରରେ ନିର୍ବାଚନ ଜିତି କେବଳ କ୍ଷମତା ଉପଭୋଗ କରିବା ବର୍ତ୍ତମାନ ବିଜେପି ସରକାରର ଏକମାତ୍ର କାମ। ସରକାରଙ୍କର ଜନସାଧାରଣଙ୍କ ପ୍ରତି ଦାୟବଦ୍ଧତା ଆଦୌ ନାହିଁ।

ଇରାନ ତାର ବିରୋଧୀ ଦେଶ ଗୁଡ଼ିକର ଜାହାଜ ଗୁଡ଼ିକୁ ହରମୁଜ ପ୍ରଣାଳୀ ଦେଇ ଚଳାଚଳ ବନ୍ଦ କରି ଦେବା ଫଳରେ ଭାରତର ତେଲ - ଗ୍ୟାସ ଜାହାଜ ମଧ୍ୟ ଅଟକି ଯାଇଥିଲା। ଗଣ ମାଧ୍ୟମର ରିପୋର୍ଟ ଅନୁଯାୟୀ ପରବର୍ତ୍ତୀ ସମୟରେ ଭାରତର କେତୋଟି ଜାହାଜକୁ ଇରାନ ଛାଡ଼ି ଦେଇଛି। ଏଠାରେ ପ୍ରଶ୍ନ ହେଉଛି ଇରାନ ଭାରତର ବହୁ ଦିନର ମିତ୍ର। ତାହେଲେ ଭାରତ ପ୍ରତି ଇରାନର ଏହି ଧରଣର କଠୋର ଆଭିମୁଖ୍ୟ କାହିଁକି ? ବାସ୍ତବରେ ଭାରତ ଏକଚାଟିଆ ପୁଞ୍ଜିର ସ୍ୱାର୍ଥରେ ଆମେରିକା ଏବଂ ଇସ୍ରାଏଲକୁ ସନ୍ତୁଷ୍ଟ କରିବାକୁ ଯାଇ ଇରାନକୁ ଶତ୍ରୁ ଦେଶରେ ପରିଣତ କରିଛି। ଆମେରିକା ଏବଂ ଇସ୍ରାଏଲର ଏକଚାଟିଆ ପୁଞ୍ଜିର ବ୍ୟବସାୟିକ ସ୍ୱାର୍ଥରେ ଗୋଟିଏ ପଟରେ ସୈରାଚାରୀ ଟ୍ରମ୍ପ ଏବଂ ଅନ୍ୟ ପଟରେ ପାଲେଷ୍ଟାଇନରେ ଯୁଦ୍ଧ ଅପରାଧୀ ହିସାବରେ ଆନ୍ତର୍ଜାତିକ କୋର୍ଟଦ୍ୱାରା ଅପରାଧି ସାବ୍ୟସ୍ତ ଇସ୍ରାଏଲର ଆକ୍ରମଣକୁ ସମର୍ଥନ ଦେଇଛି ଭାରତ। ବିପୁଳ ବ୍ୟୟରେ ଅମ୍ବାନୀର ତୈଳ ବିଶୋଧନାଗାର ପ୍ରତିଷ୍ଠା ପ୍ରମାଣ କରୁଛି ଯେ ଭାରତୀୟ ଏକଚାଟିଆ ପୁଞ୍ଜିର ସ୍ୱାର୍ଥ ରକ୍ଷା କରିବାକୁ ଯାଇ ଭାରତର ସାଧାରଣ ଲୋକଙ୍କ ସ୍ୱାର୍ଥକୁ ସମ୍ରାଜ୍ୟବାଦୀ ପୁଞ୍ଜିର ସ୍ୱାର୍ଥରେ ନରେନ୍ଦ୍ର ମୋଦି ସରକାର ଦୁଇ ପାଦରେ ଦଳି ଦେଇଛି ।

ଭାରତର ଜନଗଣ କଣ ବିଜେପି ସରକାରର ସ୍ୱେଚ୍ଛାଚାରକୁ ଚୁପଚାପ ମାନି ନେବେ ?

★★★

## ମଣ୍ଡିରେ ଧାନ . . .

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ବିହୀନ ମନ୍ତବ୍ୟ ଚାଷୀଙ୍କ କଟା ଘା ରେ ଚୂନ ଲେପିଲା ଭଳି ହେଲା।

ରାଜ୍ୟର ହଜାର ହଜାର ଚାଷୀ ଟୋକନ ପାଇଲେନାହିଁ। ଯେଉଁ ମାନେ ଟୋକନ ପାଇଲେ ସେମାନେ ଟୋକନ ପରିମାଣ ଅନୁଯାୟୀ ଧାନ ବିକ୍ରି କରିପାରିଲେ ନାହିଁ। ଧାନର ଏଫଏକ୍ୟୁ ମାପିବା ଆଳରେ ରେକର୍ଡ ପରିମାଣର କଟନି ଛଟନି ହେଲା। ପୁଣି ଗୋଦାମରେ ଜାଗା ଅଭାବ ଆଳରେ ଟୋକନ ଧରି ମଣ୍ଡିରେ ଧାନ ବିକ୍ରି କରିବାକୁ ଅପେକ୍ଷା କରିଥିବା ଚାଷୀଙ୍କୁ ହଜାର ହଜାର ସଂଖ୍ୟାରେ ମଣ୍ଡିରୁ ଫେରେଇ ଦିଆଗଲା। ମଣ୍ଡି ଦୁଆରେ ଜଗି ରହିଥିବା ବେପାରିକୁ ଅଧା ଟଙ୍କାରେ ଧାନ ମପେଇଦେଇ ଚାଷୀ ବିଚାରା କାନ ମୁଣ୍ଡ ଆଉଁସି ଘରକୁ ଫେରିଲା। ଏହା ହେଉଛି ସାରା ରାଜ୍ୟର ବାସ୍ତବ ଚିତ୍ର। ହେଲେ ଅତ୍ୟନ୍ତ ନିର୍ଲଜ୍ଜ ଭାବରେ ଯୋଗାଣ ମନ୍ତ୍ରୀ ବହାସ୍ଫୋଟ ମାରିଲେ ଯେ ଧାନ କିଣା ଠିକ୍ ଚାଲିଛି ଏବଂ ଏ ବର୍ଷ ରେକର୍ଡ ପରିମାଣର ଧାନ ଖରିଦ କରାଯାଇଛି।

ହେଲେ ଚାଷୀ ମାନଙ୍କ ଆନ୍ଦୋଳନ ଓ ବଢ଼ିଚାଲିଥିବା ଜନ ଅସନ୍ତୋଷ ଫଳରେ ମାର୍ଚ୍ଚ ୩୦ ତାରିଖରେ ଯୋଗାଣ ମନ୍ତ୍ରୀ ଭୁବନେଶ୍ୱର ରେ ବସି ବିବୃତ୍ତି ଜାରିକଲେ, ଧାନକିଣା ଆଉ ଦୁଇଦିନ ଚାଲିବ। ସେହି ବିବୃତ୍ତିରେ ମନ୍ତ୍ରୀ ମହୋଦୟ ସ୍ୱୀକାର କଲେ ଜଗତସିଂପୁର, ଢେଙ୍କାନାଳ ଓ ଯାଜପୁର ଜିଲ୍ଲାରେ ଧାନକିଣା ଲକ୍ଷ୍ୟ ପୂରଣ ହୋଇନାହିଁ। ଅର୍ଥାତ୍ ରାଜ୍ୟରେ ଉତ୍ପାଦିତ ହେଉଥିବା ସମସ୍ତ ଧାନ ସରକାର ଚାଷୀ ଠାରୁ ମଣ୍ଡି ଜରିଆରେ ଖରିଦ କରିବାର ଯେଉଁ ସ୍ୱପ୍ନ ନିର୍ବାଚନବେଳେ ଦେଖାଇଥିଲେ ତାହା ଯେ ଛଳନା ଥିଲା ସେକଥା ମନ୍ତ୍ରୀ ସ୍ୱୀକାର କଲେ। ମାତ୍ର ମନ୍ତ୍ରୀ ମହୋଦୟ ମଣ୍ଡି ଜରିଆରେ ଆଉ ଦୁଇଦିନ ଧାନ କିଣିବେ ବୋଲି ଘୋଷଣା କରିବାର ବହୁ ପୂର୍ବରୁ ସମଗ୍ର ରାଜ୍ୟରେ ମଣ୍ଡି ବନ୍ଦ ହୋଇଯାଇଛି, ଧାନ କିଣିବା ତ ଦୂରର କଥା। ଚାଷୀ ବିଚରା ମନ୍ତ୍ରୀଙ୍କ କଥା ଟିଭିରେ ଶୁଣି ମଣ୍ଡି ପିଣ୍ଡା ରେ ବସି ବସି ଲୁହ ଝରାଉଛି। ମଣ୍ଡିରେ ୮୦୦ ଟଙ୍କା ବୋନସ ସହିତ ଧାନ ବିକ୍ରି କରିବା ପଦ୍ମ ଘୁଞ୍ଚୁ ଘୁଞ୍ଚୁ ଯାଉଛି।

★★★

# କୃଷକ ନେତା ପ୍ରକାଶ ମଲ୍ଲିକଙ୍କ ବେଆଇନ ଗିରଫଦାରୀ ବିରୋଧରେ ସାରା ଓଡ଼ିଶା ପ୍ରତିବାଦ ଦିବସ































ସଂଗଠନର ଜଣେ ଆଗ ଧାଡିର ନେତା ତଥା ରାଜ୍ୟର କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକର ଜନସାଧାରଣଙ୍କ ଐତିହାସିକ ବିସ୍ଥାପନ ବିରୋଧୀ ଆନ୍ଦୋଳନର ଅନ୍ୟତମ ମୁଖ୍ୟ ନେତା କମ୍ରେଡ୍ ପ୍ରକାଶ ମଲ୍ଲିକଙ୍କ ବେଆଇନ ଗିରଫଦାରି ବିରୁଦ୍ଧରେ ଏଆଇକେକେଏମ୍‌ଏସ ପକ୍ଷରୁ ଏପ୍ରିଲ ୨ ତାରିଖରେ ସାରା ଓଡ଼ିଶା ପ୍ରତିବାଦ ଦିବସ ପାଳନ କରାଯାଇଛି। ଏଆଇକେକେଏମ୍‌ଏସ ଓଡ଼ିଶା ରାଜ୍ୟ କମିଟିର ଆହ୍ୱାନ କ୍ରମେ ରାଜ୍ୟର ବିଭିନ୍ନ ସ୍ଥାନ ସମେତ ବନ୍ଧୁକ ମୁନରେ ଜବରଦସ୍ତ ଜମି ଦଖଲ ବିରୋଧି ଜନ ଅଭ୍ୟୁତ୍‌ଥାନର କେନ୍ଦ୍ରବିନ୍ଦୁ ପାଲଟିଥିବା ପାଟଣା ବ୍ଲକର ଯମୁନାପଶି ଗ୍ରାମରେ ପ୍ରତିବାଦ ପ୍ରଦର୍ଶନ କରାଯାଇଥିଲା, ରାଜ୍ୟବ୍ୟାପୀ ଏହି ଆନ୍ଦୋଳନରେ ବିପୁଳସଂଖ୍ୟକ ଲୋକ ଏକତ୍ରିତ ହୋଇ କମ୍ରେଡ୍ ପ୍ରକାଶ ମଲ୍ଲିକଙ୍କୁ ତୁରନ୍ତ ଏବଂ ନିଃସର୍ତ୍ତ ଖଲାସ କରିବା ପାଇଁ ଦାବି କରିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମ ମାନଙ୍କର ନିର୍ବାଚିତ ଫଟୋ ଏଠାରେ ଦିଆଯାଇଛି।

ଏଠାରେ ଉଲ୍ଲେଖ କରାଯାଇପାରେ କି, କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକର ହଜାର ହଜାର ସାଧାରଣ ଜନତା, ମୁଖ୍ୟତଃ ଆଦିବାସୀମାନେ, ନିଜର ଘରଦ୍ୱାର ଏବଂ ପୁରୁଷାନୁକ୍ରମେ ସେମାନେ ଜୀବିକା ପାଇଁ ନିର୍ଭର କରୁଥିବା ଜଳସେଚିତ ଦୁଇଫସଲି ଉର୍ବର ଚାଷ ଜମି, ଜଙ୍ଗଲ ଜମି ଓ ଜଙ୍ଗଲକୁ ରକ୍ଷା କରିବା ପାଇଁ ରାଜ୍ୟର ବିଜେପି ନେତୃତ୍ୱାଧୀନ ଡବଲ ଇଞ୍ଜିନ ସରକାର ଏବଂ ଜିନ୍ଦଲ ଓ ପୋସ୍କୋ (POSCO) ଭଳି କର୍ପୋରେଟ୍ ମାନଙ୍କ ମିଳିତ ଶକ୍ତ ବରୁଦ୍ଧରେ ଜୀବନ-ମରଣ ସଂଗ୍ରାମରେ ଲିପ୍ତ ଅଛନ୍ତି। ସେହି ଅଂଚଳର ଅସହାୟ ଲୋକଙ୍କ ଉପରେ ଏଭଳି ଦୁର୍ଦ୍ଦଶା ପ୍ରଥମ ଥର ପାଇଁ ପଡ଼ିନାହିଁ; ପୂର୍ବତନ ବିଜେଡି ନେତୃତ୍ୱାଧୀନ ରାଜ୍ୟ ସରକାରଙ୍କ ଶାସନ କାଳରେ ମଧ୍ୟ ଏକ ମେଗା ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା ଉଦ୍ଦେଶ୍ୟରେ ଏହି ଜମିକୁ ଇସ୍ପାତ କମ୍ପାନୀ ଆର୍ସେଲର ମିତ୍ତଲ (Arcellor Mittal) କୁ ହସ୍ତାନ୍ତର କରିବାକୁ ଚେଷ୍ଟା କରାଯାଇଥିଲା। ଏହା ବିରୁଦ୍ଧରେ ଏଆଇକେକେଏମ୍‌ଏସ ନେତୃତ୍ୱରେ ସ୍ଥାନୀୟ ଲୋକଙ୍କ ଦୀର୍ଘ ଦଶ ବର୍ଷର ନିରନ୍ତର, ଗୌରବମୟ ଏବଂ ଦୀର୍ଘସ୍ଥାୟୀ ଆନ୍ଦୋଳନ ଯୋଗୁଁ କମ୍ପାନୀ ଏବଂ ତତ୍କାଳୀନ ବିଜେଡି ସରକାର ପଛଘୁଞ୍ଚା ଦେବାକୁ ବାଧ୍ୟ ହୋଇଥିଲେ। ଏହି ଆନ୍ଦୋଳନରେ କମ୍ରେଡ୍ ପ୍ରକାଶ ମଲ୍ଲିକ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

ଗତ ବିଧାନସଭା ନିର୍ବାଚନରେ କ୍ଷମତାକୁ ଆସିବା ପରେ ବର୍ତ୍ତମାନର ବିଜେପି ନେତୃତ୍ୱାଧୀନ ରାଜ୍ୟ ସରକାର ପ୍ରଥମେ ଜିନ୍ଦଲ ସହିତ ଏମଓୟୁ (MOU) ସ୍ୱାକ୍ଷର କରିବା ଏବଂ ପରେ ଏକ ସମନ୍ୱିତ ମେଗା ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା କରିବାର ଆଳରେ ସେଥିରେ ପୋସ୍କୋକୁ ସାମିଲ କରିବା ପରେ ସେହି ଅଞ୍ଚଳର ଲୋକଙ୍କ ଉପରେ ବିପତ୍ତି ମାଡ଼ି ଆସିଛି। ଏହି ଅଂଚଳରେ ଥିବା ଉର୍ବର ଜଳସେଚିତ ଜମିକୁ ଜବରଦସ୍ତ ଦଖଲ କରିବା ପରିବର୍ତ୍ତେ ଜିଲ୍ଲାରେ ଉପଲବ୍ଧ ଥିବା ବିପୁଳ ପରିମାଣର ଚାଷ ପାଇଁ ଅନୁପଯୁକ୍ତ ପତିତ ଜମିରେ ପ୍ରସ୍ତାବିତ ଇସ୍ପାତ କାରଖାନା ପ୍ରତିଷ୍ଠା କରିବା ପାଇଁ ସ୍ଥାନୀୟ ଲୋକଙ୍କ ଅନୁରୋଧକୁ ସରକାର କର୍ଣ୍ଣପାତ କରିନାହାନ୍ତି। ଏକଚାଟିଆ ପୁଞ୍ଜିର ସ୍ୱାର୍ଥ ରକ୍ଷା କରିବା ପାଇଁ ରାଜ୍ୟ ସରକାର ଯେକୌଣସି ମୂଲ୍ୟରେ ସେହି ଅଂଚଳରେ ଆତଙ୍କରାଜ ସୃଷ୍ଟି କରୁଛନ୍ତି, ଯାହାଫଳରେ ଜନସାଧାରଣଙ୍କ ପ୍ରତିବାଦର ସ୍ୱରକୁ ଚାପି ଦିଆଯାଇପାରିବ ଏବଂ ଜମି ଦଖଲ ବିରୋଧରେ ଚାଲିଥିବା ଶାନ୍ତିପୂର୍ଣ୍ଣ କିନ୍ତୁ ଦୃଢ଼ ପ୍ରତିରୋଧକୁ ଭାଙ୍ଗି ଦିଆଯାଇପାରିବ।

ପ୍ରସ୍ତାବିତ ମେଗା ଷ୍ଟିଲ୍ ପ୍ଲାଣ୍ଟ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଚିହ୍ନଟ ହୋଇଥିବା ଜମି ଅଧିଗ୍ରହଣକୁ ସହଜ କରିବା ପାଇଁ ପୋଲିସ ଓ ପ୍ରଶାସନ ସମସ୍ତ ଗଣତାନ୍ତ୍ରିକ ରିତି ନୀତିକୁ ଜଳାଞ୍ଜଳି ଦେଇଛି ଏବଂ ସମଗ୍ର ଅଞ୍ଚଳକୁ ଏକ ରଣକ୍ଷେତ୍ରରେ ପରିଣତ କରିଛି। ପୋଲିସ ଶାନ୍ତିପୂର୍ଣ୍ଣ ପ୍ରତିବାଦକାରୀଙ୍କୁ ଗୋଡ଼ାଇ ଗୋଡ଼ାଇ ଧରୁଛି, ମହିଳାଙ୍କ ସମେତ ଶହ ଶହ ଲୋକଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରୁଛି ଏବଂ କାଳ୍ପନିକ ଅଭିଯୋଗରେ ସେମାନଙ୍କୁ ଜେଲ ପଠାଉଛି। ସ୍ୱାଭାବିକ ଭାବରେ ଜନସାଧାରଣଙ୍କ ପ୍ରତିରୋଧ ଆନ୍ଦୋଳନକୁ ସଂଗଠିତ କରି କମ୍ପାନୀ ଏବଂ ପ୍ରଶାସନ ପାଇଁ କଣ୍ଟା ସାଜିଥିବା କମ୍ରେଡ୍ ପ୍ରକାଶ ମଲ୍ଲିକ ସେମାନଙ୍କର କୋପ ଦୃଷ୍ଟିରେ ପଡିଥିଲେ। ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଅଗ୍ରିମ ଜାମିନ ପ୍ରଦାନ କରାଯାଇଥିଲେ ସୁଦ୍ଧା, ତାଙ୍କୁ କେବଳ ଦୀର୍ଘ ସମୟ ପାଇଁ କାରାଗାରରେ ରଖିବା ଏବଂ ଆନ୍ଦୋଳନକାରୀ ଜନସାଧାରଣଙ୍କ ମନୋବଳ ଭାଙ୍ଗିବା ଉଦ୍ଦେଶ୍ୟରେ ମାର୍ଚ୍ଚ ୩୧ ମଧ୍ୟରାତ୍ରିରେ ଚଢ଼ାଉ କରାଯାଇ ତାଙ୍କୁ ଅତ୍ୟନ୍ତ ନିନ୍ଦନୀୟ ଭାବରେ ଗିରଫ କରାଯାଇଛି ଏବଂ ହତ୍ୟା ଉଦ୍ୟମ ଅଭିଯୋଗରେ ମାମଲା ରୁଜୁକରି ଜେଲ୍‌କୁ ପଠାଇ ଦିଆଯାଇଛି।

ଏଆଇକେକେଏମ୍‌ଏସ ରାଜ୍ୟ ସଭାପତି କମ୍ରେଡ୍ ସଦାଶିବ ଦାସ ଏବଂ ସମ୍ପାଦକ କମ୍ରେଡ୍ ରଘୁନାଥ ଦାସ କମ୍ରେଡ୍ ମଲ୍ଲିକଙ୍କ ନିଃସର୍ତ୍ତ ଖଲାସ ଦାବିରେ ବହୁ ସଂଖ୍ୟାରେ ଆଗେଇ ଆସିଥିବା ରାଜ୍ୟବାସୀଙ୍କୁ ଅଭିନନ୍ଦନ ଜଣାଇବା ସହ ଜିନ୍ଦଲ-ପୋସ୍କୋ ସହିତ ହୋଇଥିବା ଏମଓୟୁକୁ ତୁରନ୍ତ ରଦ୍ଦ କରିବାକୁ ଆହ୍ୱାନ ଦେଇଛନ୍ତି।

## ବହଳଦା ଓ କରଞ୍ଜିଆ ନାବାଳିକା ହତ୍ୟାକାଣ୍ଡରେ ଅଭିଯୁକ୍ତଙ୍କୁ ଶାସ୍ତି ଦାବିରେ ପ୍ରତିବାଦ କାର୍ଯ୍ୟକ୍ରମ







ବହଳଦା, କରଞ୍ଜିଆ ନାବାଳିକା ହତ୍ୟାକାଣ୍ଡରେ ଅଭିଯୁକ୍ତଙ୍କୁ ଦୃଷ୍ଟାନ୍ତ ମୂଳକ କଠୋରଶାସ୍ତି ଦେବା,ମଦ ମାଦକ ଦ୍ରବ୍ୟ ଅଶ୍ଳୀଳତା ଅପସଂସ୍କୃତିର ପ୍ରଚାର ପ୍ରସାର ବନ୍ଦ କରିବା ତଥା ଶିଶୁକନ୍ୟା, ଛାତ୍ରୀ ଓ ମହିଳା ମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ଦାବିରେ ଏଆଇଡ଼ିଏସ୍‌ଓ, ଏଆଇଡ଼ିୱାଇଓ ଏବଂ ଏଆଇଏମ୍‌ଏସ୍‌ଏସ୍ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ସ୍ତରୀୟ ପ୍ରତିବାଦ ଦିବସ ପାଳନ ଅବସରରେ ଯଶିପୁର ଅଙ୍ଗାରପଦା, ଏକତାଳି, ବାରିପଦା, ତଖତପୁର ଏବଂ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରତିବାଦ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା।

ଆଗାମୀ ଦିନରେ ଦାବି ପୂରଣ ନ ହେଲେ ସାରା ଜିଲ୍ଲାରେ ଦୁର୍ବାର ଛାତ୍ର ଯୁବ ମହିଳା ଆନ୍ଦୋଳନ ଗଢ଼ି ଉଠିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

ଏହି କାର୍ଯ୍ୟକ୍ରମକୁ ଏଆଇଡିଏସ୍‌ଓ ପକ୍ଷରୁ ଜିଲ୍ଲା ସମ୍ପାଦକ କମ୍ରେଡ଼ ଫୁଲଚାନ୍ଦ ଲୋହାର, କମ୍ରେଡ଼ ବାପୁନ୍ ବାନରା, ଏଆଇଡିୱାଇଓ ପକ୍ଷରୁ ଜିଲ୍ଲା ସଭାପତି କମ୍ରେଡ଼ ଲଳିତ ମହାନ୍ତ, କମ୍ରେଡ଼ ମନୋଜ କୁମାର ମହାନ୍ତ, କମ୍ରେଡ଼ ସୁଶାନ୍ତ ମୁର୍ମୁ, ଏଆଇଏମଏସଏସ ପକ୍ଷରୁ କମ୍ରେଡ଼ ଦ୍ରୌପଦୀ ମହାନ୍ତ ପ୍ରମୁଖ ନେତୃତ୍ୱ ଦେଇଥିଲେ।

## ଏଆଇଡିଏସ୍‌ଓ ପକ୍ଷରୁ ରାଜ୍ୟବ୍ୟାପୀ ଶହୀଦ ଭଗତ ସିଂହଙ୍କର ଫାଶୀ ଦିବସ ପାଳିତ











# ଆବେଗପୂର୍ଣ୍ଣ ପ୍ରତ୍ୟୟ ଭରା ପରିବେଶରେ ଉନ୍ମୋଚନ ହେଲା ଶହୀଦ ଦୁର୍ଗା ହେମ୍ବ୍ରମ୍ଙ୍କ ଆବକ୍ଷ ପ୍ରତିମୂର୍ତ୍ତି








୨୨ମାର୍ଚ୍ଚ, ୨୦୨୬ ମଧ୍ୟାହ୍ନ। ପାହାଡି ଝରଣା ଭଳି ବିଭିନ୍ନ ଦିଗରୁ ଜନତାର ସ୍ରୋତ ଫୁଲିଫୁଲି ଆସୁଥାଏ। ଆଉ ମୟୁରଭଞ୍ଜ ଜିଲ୍ଲାର ବଣପାହାଡ ଘେରା କପ୍ତିପଦା ବ୍ଲକ୍‌ର ଏକ ଛୋଟ ଗ୍ରାମ ଟୋଲଗାଡିଆରେ ଅବସ୍ଥିତ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଅଫିସ ପ୍ରାଙ୍ଗଣରେ ମିଳିତ ହୁଏ। ଅପରାହ୍ନ ୩ଟା ବେଳକୁ ତିଳ ଧାରଣର ଜାଗା ନାହିଁ। ଏହି ସ୍ଥାନରେ ଉନ୍ମୋଚନ ହେବ ଶଦୀଦ ଦୁର୍ଗା ହେମ୍ବ୍ରମ୍ଙ୍କ ଆବକ୍ଷ ପ୍ରତିମୂର୍ତ୍ତି। ଆବେଗର ଏକ ଚୁମ୍ବକୀୟ ଆକର୍ଷଣ ଟାଣି ଆଣିଛି ବହୁ ଦୂର ଦୂରାନ୍ତରରୁ ଶହ ଶହ ଆବାଳ ବୃଦ୍ଧ ବନିତାଙ୍କୁ। ଯୁଗ ଯୁଗ ଧରି ଶୋଷିତ ମଣିଷ, ନିର୍ଯ୍ୟାତିତ ଅବହେଳିତ ବଂଚିତ ସରଳ ନିରୀହ ଆଦିବାସୀ ଜନଗଣଙ୍କ ମୁହଁରେ ପ୍ରତିବାଦର ଭାଷା ଫୁଟାଇ, ମର୍ଯ୍ୟାଦାକର ଶହୀଦତ୍ୱର ଜୀବନ ବରିନେଇଥିବା ସେମାନଙ୍କର ଅତିଆପଣାର ସଂଗ୍ରାମୀ ନେତା କମ୍ରେଡ୍ ଦୁର୍ଗା ହେମ୍ବ୍ରମ୍ଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନର ସେହି ମାହେନ୍ଦ୍ର ମୁହୂର୍ତ୍ତ। ମୁଖ୍ୟ ଅତିଥି, ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟ ତଥା ପୂର୍ବତନ ବିଧାୟକ କମ୍ରେଡ୍ ଶମ୍ଭୁନାଥ ନାଏକ ପ୍ରତିମୂର୍ତ୍ତୀ ଉନ୍ମୋଚନ କଲାବେଳେ ଜନତାର ଆବେଗପୂର୍ଣ୍ଣ ବଳିଷ୍ଠ କଣ୍ଠରୁ ଅଗ୍ନିବର୍ଷୀ ଧ୍ୱନି ଗର୍ଜି ଉଠଲା–

ଶହୀଦ ଦୁର୍ଗା ହେମ୍ବ୍ରମ୍ ଅମର ରହେ।
ଶହୀଦ ଦୁର୍ଗା ହେମ୍ବ୍ରମ୍ ଲାଲ ସଲାମ।

ସମସ୍ତଙ୍କ ଆଖିରେ ଲୁହର ଢେଉ। ସ୍ମୃତିରେ ସାଇତା ସେହି ଗୌରବୋଜ୍ଜ୍ୱଳ ସଂଗ୍ରାମର ଦିନଗୁଡିକ ମାନସପଟରେ ଭାସି ଉଠୁଥିଲା। ନୂତନ ପ୍ରଜନ୍ମର କିଶୋର କିଶୋରୀ ଯୁବକ ଯୁବତୀମାନେ ଆବେଗର ସେହି ଉଷ୍ମ ସ୍ପନ୍ଦନ ଅନୁଭବ କରୁଥିଲେ। ଶହୀଦ ଦୁର୍ଗା ହେମ୍ବ୍ରମ୍ଙ୍କ ବିଧବା ପତ୍ନୀ କମ୍ପିତ ହସ୍ତରେ ଲୋତକପୂର୍ଣ୍ଣ ଆଖିରେ ମାଲ୍ୟାର୍ପଣ କରି ଅଙ୍ଗୀକାରଭରା ଅଭିବାଦନ ଜଣାଇଲେ। ସଭାସ୍ଥଳର ଆକାଶ ବତାସ ଯେମିତି ଭାରି ହୋଇଉଠିଲା। ଜଣେ ଯୁବ ଉଦ୍ୟୋକ୍ତାଙ୍କର ସେହି ମୁହୂର୍ତ୍ତର ଅନୁଭୂତି ମଧ୍ୟରେ ବ୍ୟକ୍ତ ହୋଇ ଉଠିଛି ସଭାର ସମସ୍ତ ଜନଗଣଙ୍କର ଅନୁଭୂତି। କୋହଭରା କଣ୍ଠରେ ସେ କହିଛନ୍ତି, "କାନ୍ଧରେ ଗାମୁଛା ପକାଇ ନିରବ ନିଶ୍ଚଳ ଭାବେ ଠିଆ ହୋଇଥିଲି। ଲୁହ ନଝରାଇ ଦୃଢ ରହିବାକୁ ପ୍ରାଣପଣେ ଚେଷ୍ଟା କରୁଥିଲି। ହେଲେ ଲୁହ ଅଟକାଇ ପାରୁନଥିଲି। ଗାମୁଛାଟି ଲୁହ ପୋଛିବାର ମାଧ୍ୟମ ଥିଲା, ଆଉ ଲୁହରେ ଭିଜି ଯାଉଥିଲା।"

ଆଜକୁ ୩୩ ବର୍ଷ ତଳେ, ସେହି ୧୯୯୩ ମସିହା ଆଜିର ଦିନରେ ହିଁ ପୋଲିସ ପ୍ରଶାସନ ଓ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀର ଏକ କୁଚକ୍ର ପରିକଳ୍ପିତ ଓ ଯୋଜନାବଦ୍ଧ ଭାବେ ଉଦଳା ଜେଲରେ ଖାଦ୍ୟରେ ବିଷ ଦେଇ କମ୍ରେଡ ଦୁର୍ଗା ହେମ୍ବ୍ରମ୍ଙ୍କୁ ହତ୍ୟା କରିଥିଲେ। ଏହି ଦିନ ହିଁ ଜାମିନ ପାଇ ସେ ଜେଲରୁ ଖଲାସ ହେବାର ଥିଲା। ସକାଳୁ ସକାଳୁ ଏହି ଦାରୁଣ ସମ୍ବାଦଟି ଆସିଲା। ସେତେବେଳେ ରାଜ୍ୟରେ ଜନତା ଦଳ ସରକାର। ଏହି ଜଘନ୍ୟ ହତ୍ୟାକାଣ୍ଡ ମନେପକାଇ ଦେଇଥିଲା ପ୍ରାୟ ୧୦୦ବର୍ଷ ତଳେ ଠିକ ଏହିଭଳି ସାମ୍ରାଜ୍ୟବାଦୀ ବ୍ରିଟିଶ ସରକାର ରାଂଚି ଜେଲରେ ସଂଗ୍ରାମୀ ବିର୍ସା ମୁଣ୍ଡାକୁ ବିଷ ଦେଇ ହତ୍ୟା କରିବାର ଘଟଣା। ଆଜି ସ୍ୱାଧୀନ ଦେଶର ପୁଞ୍ଜିବାଦୀ ଶାସନରେ ହିଁ ପୁଣି ସେହି ବର୍ବରତାର ପୁନରାବୃତ୍ତି ଘଟିଛି। ଏ ଅଂଚଳରେ ଗଢିଉଠିଥିବା ସେଦିନର ଜନଜାଗରଣ ଓ ଜନ ଆନ୍ଦୋଳନକୁ ମାର୍ଗ ଦର୍ଶାଉଥିବା ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ତତ୍କାଳୀନ ରାଜ୍ୟ ସଂପାଦକ ଓ କେନ୍ଦ୍ରୀୟ କମିଟି ସଭ୍ୟ କମ୍ରେଡ୍ ତାପସ ଦତ୍ତ ଏହି ଘଟଣା ପରେ ପରେ ପାର୍ଟିର ରାଜ୍ୟ କମିଟି ପ୍ରକାଶିତ 'ମାନବତାର ନିର୍ମମ ହତ୍ୟା' ପୁସ୍ତିକାର ମୁଖବନ୍ଧରେ ଲେଖିଥିଲେ, "ମହାନ ମାର୍କ୍ସବାଦୀ ଚିନ୍ତାନାୟକ କମ୍ରେଡ୍ ଶିବଦାସ ଘୋଷଙ୍କ ଚିନ୍ତା ଶିକ୍ଷାରେ ଉଦ୍‌ବୁଦ୍ଧ ଏସ୍‌ୟୁସିଆଇର ସଂଗଠକ, ସଂଗ୍ରାମୀ ଦୁର୍ଗା ହେମ୍ବ୍ରମ୍ କେବେହେଲେ ପୋଲିସ ପ୍ରଶାସନ ଓ ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀର ବର୍ବର ଦମନଲୀଳା ଓ ଅନ୍ୟାୟ ନିକଟରେ ମଥାନତ କରିନଥିଲେ। ତଥାପି ଏହା ଏକ 'ସଭ୍ୟ' ଦେଶ ଓ ଏହାର 'ଗଣତନ୍ତ୍ର'ର ତୁଳନା ନାହିଁ।"

ସଂଗ୍ରାମୀ ନେତା ଦୁର୍ଗା ହେମ୍ବ୍ରମ୍ଙ୍କ ଜୀବନ ଦୀପକୁ ସେଦିନ ପୁଞ୍ଜିବାଦୀ ରାଷ୍ଟ୍ରଶକ୍ତି ଲିଭାଇ ଦେଇଥିଲା। କିନ୍ତୁ ଲିଭାଇ ପାରିନଥିଲା, ସେଦିନର ଜନଆନ୍ଦୋଳନର ସେହି ଅନିର୍ବାଣ ଦୀପ ଶିଖାକୁ। ସେହି ଦୀପ ଶିଖା ଆଜି ବି ପ୍ରଜ୍ଜ୍ୱଳିତ, ଆଜି ବି ଦିପ୍ତିମାନ। ଆଜିର ଜନସଭାରେ ତା' ହିଁ ଉଦ୍‌ଭାସିତ ହୋଇଛି। ସେଦିନର ମୁଖ୍ୟମନ୍ତ୍ରୀ ଯେଉଁ ଉଦ୍ଧତ କଣ୍ଠରେ ଘୋଷଣା କରିଥିଲେ 'ଏସ୍‌ୟୁସିଆଇକୁ ଦୃଢଭାବେ ଦମନ କରାଯିବ', ତା ଯେ ଏକ ଆସ୍ଫାଳନ ଥିଲା, ଏହା ମଧ ପ୍ରମାଣିତ। ପ୍ରତିଟି ଶୋଷିତ ମଣିଷର ହୃଦୟରେ ଦୁର୍ଗା ହେମ୍ବ୍ରମ୍, ଗରିବର ଦଳ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)। ସଂଗ୍ରାମର ସେହି ଝଞ୍ଜା ବହୁଳ ଦିନ ସବୁ ସ୍ମୃତିରେ ଯେ କେତେ ଜୀବନ୍ତ, ତା' ମଧ ପ୍ରତିଭାତ ହେଉଛି। ପ୍ରତିମୂର୍ତ୍ତି ପ୍ରତିଷ୍ଠା ନିମନ୍ତେ ଏ ଅଂଚଳର ଜନତା ଶ୍ରଦ୍ଧା ଓ ଆବେଗରେ ଗଠନ କରିଛନ୍ତି ଶହୀଦ ଦୁର୍ଗା ହେମ୍ବ୍ରମ୍ ମେମୋରିଆଲ କମିଟି। ଏହି କମିଟିର ଜଣେ ଯୁବ ସଂଗ୍ରାମୀଙ୍କ କଥାରେ ସେହି ସତ୍ୟ ଫୁଟି ଉଠିଛି। "ଯଦିଓ ଆମେ ପ୍ରତିମୂର୍ତ୍ତି ପ୍ରତିଷ୍ଠାର ଗୁରୁତ୍ୱ ଓ ତାତ୍ପର୍ଯ୍ୟ ବୁଝିଥିଲୁ, ତେବେ ସଂଶୟ ଭିତରେ ଥିଲୁ, ଏତେ ପାଣ୍ଠି କେଉଁଠୁ ଆସିବ ? ଇଏ ତ ଗରିବ ଆଦିବାସୀ ଅଂଚଳ, ପଇସା କ'ଣ ସଂଗ୍ରହ ହୋଇପାରିବ ? ସାହସ ହେଉନଥିଲା। ମନକୁ ବୁଝାଇ କାମ କରିବା ଆରମ୍ଭ କଲୁ। କିନ୍ତୁ ଆମେ ଯେତେ ଲୋକଙ୍କ ପାଖକୁ ଗଲୁ ଆମକୁ ସାହସ ମିଳିଲା। ଆମର ସଂଶୟ ଦୂର ହେବାକୁ ଲାଗିଲା। ଲୋକମାନଙ୍କର ଅକୁଣ୍ଠ ସମର୍ଥନ, ସାହାଯ୍ୟ, ସହଯୋଗ ଆମକୁ ଅଭିଭୂତ କଲା, ପ୍ରେରଣା ଯୋଗାଇଲା।"

ଆଉ ଜଣେ ସ୍ୱେଚ୍ଛାସେବୀ ନିଜର ଅଭିଜ୍ଞତାରୁ କହିଛନ୍ତି, "ଜଣେ ଗରିବ ବୃଦ୍ଧା ମହିଳା ସେମାନଙ୍କୁ ପାଖକୁ ଡାକି କହିଲେ, 'ଦୁର୍ଗା ହେମ୍ବ୍ରମ୍ ଆମ ପାଇଁ ଲଢିଛି, ତାର ପାର୍ଟି ଏସ୍‌ୟୁସି ଆମ ପାଇଁ ଲଢୁଛି। ମୋ ପାଖରେ ପଇସା ନାହିଁ, ଚାଉଳ ଅଛି, ନେବ ?" ଏହା ହେଉଛି ଦୁର୍ଗା ହେମ୍ବ୍ରମ୍ ଓ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପ୍ରତି ଜନସାଧାରଣଙ୍କର ମଧ୍ୟରେ ଆବେଗ। ଏହି ପାର୍ଟି ତ ଗରିବର ପାର୍ଟି। ଗରିବ ଲୋକ ହିଁ ନିଜର ପେଟରୁ କାଟି ଏହି ପାର୍ଟିକୁ ଦିଅନ୍ତି, ଏହି ପାର୍ଟି ଧନୀ ପୁଞ୍ଜିପତି ମାନଙ୍କର ନୁହେଁ।

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)

## ଶହୀଦ ଦୁର୍ଗା ହେମ୍ବ୍ରମ୍ଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପଲିଟବ୍ୟୁରୋ ସଦସ୍ୟ କମ୍ରେଡ୍ ସୌମେନ ବୋଷଙ୍କ ବାର୍ତ୍ତା

ମୁଁ 'ହିଉମାନିଟି କ୍ରୁସିଫାଇଡ୍' ଚିତ୍ର ସମ୍ବଳିତ ପୁସ୍ତିକାଟି ପଢିଛି, ୧୯୯୩ ମସିହାରେ ଓଡ଼ିଶାର ମୟୁରଭଞ୍ଜ ଜିଲ୍ଲାର ଶରତ କପ୍ତିପଦାର ନିଷ୍ପେସିତ ଆଦିବାସୀ ଜନଗଣଙ୍କ ସଂଗ୍ରାମର ମହାନ ନେତା ଶହୀଦ କମ୍ରେଡ୍ ଦୁର୍ଗା ହେମ୍ବ୍ରମ୍ଙ୍କ ପ୍ରତି ମୋର ଗଭୀର ସମ୍ମାନ ଜ୍ଞାପନ କରୁଛି। ଆମେ କଦାପି ଭୁଲି ପାରିବା ନାହିଁ ଯେ ଏହି ସଂଗ୍ରାମକୁ ଏ ଯୁଗର ମହାନ ମାର୍କ୍ସବାଦୀ ଚିନ୍ତାନାୟକ କମ୍ରେଡ୍ ଶିବଦାସ ଘୋଷଙ୍କର ବିଶିଷ୍ଟ ଶିଷ୍ୟ ତଥା ଓଡ଼ିଶାର ପ୍ରାକ୍ତନ ରାଜ୍ୟ ସଂପାଦକ ପ୍ରଖ୍ୟାତ ନେତା କମ୍ରେଡ୍ ତାପସ ଦତ୍ତ ମାର୍ଗଦର୍ଶନ କରିଥିଲେ।

କମ୍ରେଡ୍ ତାପସ ଦତ୍ତ ସେହି ପୁସ୍ତିକାରେ ଲେଖିଛନ୍ତି, 'ନିଜେ ଜଣେ ଗରିବ ଆଦିବାସୀ ହୋଇଥିବା କମ୍ରେଡ୍ ଦୁର୍ଗା ହେମ୍ବ୍ରମ୍, ପାର୍ଟିର ମାର୍ଗଦର୍ଶନରେ ଦୀର୍ଘ ସାତବର୍ଷ ଧରି ଚାଲିଥିବା ନିରନ୍ତର ତଥା ଦୃଢ ସଂଗ୍ରାମ ମଧ୍ୟରେ ନିଜେ ଲୋକଙ୍କର ଜଣେ ସ୍ୱାଭାବିକ ନେତା ଭାବରେ ଉଭା ହୋଇଥିଲେ। ବିଭିନ୍ନ ଗ୍ରାମର ହଜାର ହଜାର ଆଦିବାସୀ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଏବଂ ଏହାର କୃଷକ ଶାଖା ଏଆଇକେକେଏମ୍‌ଏସ୍ ଆହ୍ୱାନରେ ଏକଜୁଟ ହୋଇଥିଲେ।'

କମ୍ରେଡ୍ ଦୁର୍ଗା ହେମ୍ବ୍ରମ୍ ସେହି ଅଂଚଳର ନିର୍ବାଚିତ ପ୍ରତିନିଧି ଥିଲେ। କମ୍ରେଡ୍ ଦୁର୍ଗା ହେମ୍ବ୍ରମ୍ ଆଜି ଆମ ଗହଣରେ ନାହାନ୍ତି।

କିନ୍ତୁ ତାଙ୍କର ଚିର ପ୍ରେରଣାଦାୟୀ ଜୀବନ ସଂଗ୍ରାମ ବ୍ୟାପକ ଶ୍ରମଜୀବୀ ଜନତା ଏବଂ ବିଶେଷ କରି ଆଦିବାସୀ ଲୋକଙ୍କ ପାଇଁ ଏକ ଆଲୋକ ବର୍ତ୍ତିକା ହୋଇ ରହିବ। ନିଜର ଜୀବନ ଓ ସଂଗ୍ରାମ ମାଧ୍ୟମରେ କମ୍ରେଡ୍ ହେମ୍ବ୍ରମ୍ ଆମ ସମସ୍ତଙ୍କୁ ଏହା ଦେଖାଇ ଦେଇଛନ୍ତି ଯେ, ସମ୍ମାନର ସହ ବଂଚିବାର ଏକମାତ୍ର ଉପାୟ ହେଉଛି ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ସାମାଜିକ ସ୍ୱାର୍ଥ ସହିତ ବିଲୀନ କରିବା ଏବଂ ସାମାଜିକ ସ୍ୱାର୍ଥର ସେବା କରିବାର ଏକମାତ୍ର ମାର୍ଗ ହେଉଛି ସାଧାରଣ ଲୋକଙ୍କ ଜ୍ୱଳନ୍ତ ସମସ୍ୟା ଗୁଡିକ ଉପରେ ଗଣତାନ୍ତ୍ରିକ ଗଣଆନ୍ଦୋଳନକୁ ବିକଶିତ କରିବା ଏବଂ ସେଥିରେ ସକ୍ରିୟ ଅଂଶଗ୍ରହଣ କରିବା।

କମ୍ରେଡ୍ ଦୁର୍ଗା ହେମ୍ବ୍ରମ୍ ନିଜ ଭିତରେ ସର୍ବହରା ଶ୍ରେଣୀର ମହାନ ନେତା ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ପ୍ରତିଷ୍ଠାତା ସାଧାରଣ ସଂପାଦକ କମ୍ରେଡ୍ ଶିବଦାସ ଘୋଷଙ୍କ ବିପ୍ଳବୀ ଶିକ୍ଷାକୁ ମୂର୍ତ୍ତିମନ୍ତ କରିଥିଲେ –

'ମନେରଖ, ଆମେ ସମସ୍ତେ ମରଣଶୀଳ। ତେଣୁ ଯଦି ମରିବାର ଅଛି, ତେବେ ଭିକ ମାଗି ମର ନାହିଁ, ନିଜକୁ ଅପମାନିତ କରି ମର ନାହିଁ। ଯେବେ ମରିବାକୁ ପଡିବ, ସମ୍ମାନର ସହ ମର ଏବଂ ସମ୍ମାନର ସହ ବଂଚିବା ଓ ମରିବା ପାଇଁ ତୁମ ପାଖରେ କେବଳ ଗୋଟିଏ ସୁନିଶ୍ଚିତ ରାସ୍ତା ଅଛି, ତାହା ହେଉଛି ସମାଜରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଜନସାଧାରଣଙ୍କ ବୈପ୍ଳବିକ ସଂଗ୍ରାମରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବା।'

କମ୍ରେଡ୍ ଗଣ, ମୁଁ ବିଶ୍ୱାସ କରେ ଯେ କମ୍ରେଡ୍ ଦୁର୍ଗା ହେମ୍ବ୍ରମ୍, ଯାହାକୁ ୨୨ମାର୍ଚ୍ଚ ୧୯୯୩ରେ ହତ୍ୟା କରାଯାଇଥିଲା, ସେ ଶାରୀରିକ ଭାବରେ ବର୍ତ୍ତମାନ ଆପଣମାନଙ୍କ ଗହଣରେ ନାହାନ୍ତି, କିନ୍ତୁ ମୋର ବିଶ୍ୱାସ ଯେ ଆପଣମାନଙ୍କ ମଧ୍ୟରୁ ପ୍ରତ୍ୟେକ, ଏହି ଅଂଚଳର ଆଦିବାସୀ କିମ୍ବା ଅଣ-ଆଦିବାସୀ ଗରିବ ଏବଂ ମଧ୍ୟବିତ୍ତ ଶ୍ରେଣୀର ଲୋକମାନେ, ସମସ୍ତେ ନିଜ ଭିତରେ ଅନୁଭବ କରୁଛନ୍ତି ଯେ କମ୍ରେଡ୍ ଦୁର୍ଗା ହେମ୍ବ୍ରମ୍ ଆପଣମାନଙ୍କ ମଧ୍ୟରେ ବଂଚି ରହିଛନ୍ତି। ସଂଗ୍ରାମର ଏହି ମହାନ ନାୟକ ନିଜ ମୃତ୍ୟୁପରେ ଉଭେଇ ଯାଇନାହାନ୍ତି, ଆମ ସମସ୍ତଙ୍କୁ ଏହି ପୁଞ୍ଜିବାଦୀ ବ୍ୟବସ୍ଥା ଓ ଶାସନ ବିରୁଦ୍ଧରେ କମ୍ରେଡ ଦୁର୍ଗା ହେମ୍ବ୍ରମ୍ଙ୍କ ଉଦ୍ଦୀପନାକୁ ନେଇ ସଂଗ୍ରାମ କରିବା ଉଚିତ୍, ଏହା ହିଁ ତାଙ୍କ ପ୍ରତି ମୋର ବୈପ୍ଳବିକ ଅଭିବାଦନ ଏବଂ ଏତିକି କହି ମୁଁ ମୋର ବକ୍ତବ୍ୟ ସମାପ୍ତ କରୁଛି।

**ଶଦୀଦ ଦୁର୍ଗା ହେମ୍ବ୍ରମ ଅମର ରହେ**
**ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଜିନ୍ଦାବାଦ**

## ଆଗେଗପୂର୍ଣ୍ଣ ପ୍ରତ୍ୟୟ . . .

(୫ମ ପୃଷ୍ଠାର ଅବଶିଷ୍ଟାଂଶ)

ଦୁର୍ଗା ହେମ୍ବ୍ରମ୍ ଏହି ପାର୍ଟି ଶିକ୍ଷାରେ ଉଦ୍‌ବୁଦ୍ଧ ହୋଇ ଗରିବ ଲୋକଙ୍କର ହିଁ ନେତା ହୋଇଥିଲେ। ସେମାନଙ୍କ ଦୁଃଖ ବେଦନା ନିଜର ଅନ୍ତରରେ ଅନୁଭବ କରି ଶହୀଦତ୍ୱ ବରଣ କରିଥିଲେ। ସେଥିପାଇଁ ତ ଦୁର୍ଗା ହେମ୍ବ୍ରମ୍‌ଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ହେବାର ଏହି ଖବର ବିଦ୍ୟୁତ ବେଗରେ ଆଖପାଖ ଅଂଚଳକୁ ବ୍ୟାପୀ ଯାଇଥିଲା। ସାଧାରଣ ଲୋକ ଅତି ଆନନ୍ଦରେ ଆଗେଇ ଆସିଥିଲେ, ପ୍ରଚାର ପାଖରୁ ପାଣ୍ଠି ସଂଗ୍ରହ ପର୍ଯ୍ୟନ୍ତ, ସମସ୍ତ କାମରେ ସ୍ୱତଃସ୍ଫୂର୍ତ୍ତ ଭାବେ ସାମିଲ ହୋଇଯାଇଥିଲେ।

ଅପରାହ୍ନ ଠିକ ୩ଟା ବେଳେ କମିଟିର ସଭାପତି କମ୍ରେଡ୍ ଶ୍ୟାମ ବାନରାଙ୍କ ସଭାପତିତ୍ୱରେ ଶହୀଦ ଦୁର୍ଗା ହେମ୍ବ୍ରମ୍‌ଙ୍କ ପ୍ରତିମୂର୍ତ୍ତୀ ଉନ୍ମୋଚନ କାର୍ଯ୍ୟକ୍ରମ ଆରମ୍ଭ ହେଲା। ମୁଖ୍ୟ ଅତିଥି ପ୍ରତିମୂର୍ତ୍ତୀ ଉନ୍ମୋଚନ କଲାପରେ ନିମନ୍ତ୍ରିତ ନେତୃମଣ୍ଡଳୀ, କମିଟିର ସଭ୍ୟବୃନ୍ଦ, ସଂଗଠନର କର୍ମୀ, ସଂଗଠକ, ସମର୍ଥକ ତଥା ଉପସ୍ଥିତ ଜନସାଧାରଣ ମାଲ୍ୟାର୍ପଣ କରି ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ। ସଂଗୀତ ଗୋଷ୍ଠୀ ପକ୍ଷରୁ ଦୁର୍ଗା ହେମ୍ବ୍ରମ୍‌ଙ୍କ ଉପରେ ରଚିତ ସେହି ପ୍ରେରଣାଦାୟୀ ସଂଗୀତ ପରିବେଷଣ ହେଲା–

"ଶତ ବୀର ପ୍ରାଣ ଜଗାଇ ଏ ଦେଶେ
ସର୍ବହରା ମୁକ୍ତି ବାରତା କହେ
ନିର୍ଯ୍ୟାତିତ ସେ ଆଦିବାସୀ ନେତା
ଦୁର୍ଗା ହେମ୍ବ୍ରମ୍ ଅମର ରହେ...."

ସଭାର ସମସ୍ତ ଜନତା ସଂଗୀତ ଗୋଷ୍ଠୀର କଣ୍ଠରେ କଣ୍ଠ ମିଳାଇ ସମବେତ ଭାବେ ଏକ ଅପୂର୍ବ ରାଗିଣୀ ତୋଳି ଏହି ଗୀତ ଗାଇଲେ। କମିଟିର ସଂପାଦକ କମ୍ରେଡ ଉଦୟ ସାମାଡ କମ୍ରେଡ୍ ଦୁର୍ଗା ହେମ୍ବ୍ରମ୍‌ଙ୍କ ଜୀବନ ସଂଗ୍ରାମ ଉପରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ପ୍ରତିମୂର୍ତ୍ତୀ ପ୍ରତିଷ୍ଠା ପାଇଁ ପ୍ରେରଣା ଯୋଗାଇଥିବା ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ପଲିଟିବ୍ୟୁରୋ ସଭ୍ୟ କମ୍ରେଡ ସୌମେନ ବୋଷ ତଥା ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ରାଜ୍ୟ ସଂପାଦକ ଓ କେନ୍ଦ୍ରୀୟ କମିଟି ସଭ୍ୟ କମ୍ରେଡ୍ ଶଙ୍କର ଦାଶଗୁପ୍ତ ପଠାଇଥିବା ବାର୍ତ୍ତା ପାଠ କରିଥିଲେ ପାର୍ଟି ରାଜ୍ୟ ସଂପାଦକ ମଣ୍ଡଳୀ ସଭ୍ୟ କମ୍ରେଡ ସୁରେନ୍ଦ୍ର ମଲ୍ଲିକ। ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ରାଜ୍ୟ ସଂପାଦକ ମଣ୍ଡଳୀ ସଭ୍ୟ ତଥା ଅଲ ଇଣ୍ଡିଆ କିସାନ କ୍ଷେତ ମଜଦୁର ସଂଗଠନ(ଏଆଇକେକେଏମ୍‌ଏସ୍) ରାଜ୍ୟ ସଂପାଦକ କମ୍ରେଡ ରଘୁନାଥ ଦାସ, ସମ୍ମାନିତ ଅତିଥି ତଥା ପାର୍ଟିର ଅନ୍ୟତମ ସଂପାଦକ ମଣ୍ଡଳୀ ସଭ୍ୟ ତଥା ଅଲ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ(ଏଆଇଏମ୍‌ଏସ୍‌ଏସ୍)ର ସର୍ବଭାରତୀୟ ସାଧାରଣ ସଂପାଦିକା କମ୍ରେଡ୍ ଛବି ମହାନ୍ତି ମୁଖ୍ୟ ବକ୍ତା ଓ କମ୍ରେଡ୍ ଦୁର୍ଗା ହେମ୍ବ୍ରମ୍‌ଙ୍କ ସହଯୋଦ୍ଧା ପାର୍ଟିର ରାଜ୍ୟ କମିଟି ସଭ୍ୟ କମ୍ରେଡ୍ ସାଦ ବଦ୍ରା ଅନ୍ୟତମ ବକ୍ତାଭାବେ ଯୋଗ ଦେଇଥିଲେ। ବକ୍ତାମାନଙ୍କ ମର୍ମସ୍ପର୍ଶୀ ବକ୍ତବ୍ୟ ଶ୍ରୋତାମାନଙ୍କୁ ଏକ ଭିନ୍ନ ଜଗତକୁ ନେଇ ଯାଇଥିଲା। ଏକାଗ୍ରଚିତ୍ତରେ ସେମାନେ ଶୁଣୁଥିଲେ, ୩୩ବର୍ଷ ତଳର ସେହି ରକ୍ତକ୍ଷୟୀ ସଂଗ୍ରାମ ଓ ବଳିଦାନର ସ୍ୱର୍ଣ୍ଣିମ ଅଧ୍ୟାୟକୁ ତଥା ଆଜିର କରଣୀୟ କର୍ତ୍ତବ୍ୟ।

ଘଞ୍ଚ ଅରଣ୍ୟ ବେଷ୍ଟିତ ଏହି ଅଂଚଳ ଥିଲା ଅନ୍ଧାରିମୂଳକ। ଗାର୍ଡ, ଫରେଷ୍ଟର, ପୋଲିସ, କଣ୍ଟ୍ରାକ୍ଟର, ଡିଲର ଓ ବିଭିନ୍ନ ନ୍ୟସ୍ତସ୍ୱାର୍ଥ ଗୋଷ୍ଠିର ଲୋକମାନଙ୍କ ପାଇଁ ଅତ୍ୟାଚାର, ଜୁଲୁମ୍, ଶୋଷଣ କରିବାର ମୁକ୍ତାଂଚଳ। ଏମାନଙ୍କ ପଛରେ ଥିଲା ପୁରାପୁରି ସରକାରୀ କଳ। ଏଠି ଜଙ୍ଗଲ ଆଇନ ଚାଲିଥିଲା। ନିରୀହ ଆଦିବାସୀ ଲୋକମାନଙ୍କୁ ନାଲି ଆଖି ଦେଖାଇ ଏମାନେ ନାନାରକମର ହଇରାଣ ହରକତ କରୁଥିଲେ। ମନଇଚ୍ଛା ସେମାନଙ୍କ ଘରୁ ଛେଳି, କୁକୁଡ଼ା, ବତକ, ଚାଉଳ, ଟଙ୍କା, ପଇସା, ଯାହା ପାଇଲେ ଜବରଦସ୍ତି ନେଇ ଯାଉଥିଲେ। ରାସନ ସାମଗ୍ରୀ କଳବଜାରି, ବିଭିନ୍ନ ଉନ୍ନୟନମୂଳକ କାମ ନାଁରେ ଆସୁଥିବା ଟଙ୍କାକୁ ବିନାବାଧାରେ ଆତ୍ମସାତ କରାଯାଉଥିଲା। ଏହି ଗୋଷ୍ଠୀର ଲୋଲୁପ ଦୃଷ୍ଟିରେ କେତେ ଯେ ମହିଳା ଶୀକାର ହୋଇଛନ୍ତି ତାର ହିସାବ ନାହିଁ। କଥା କଥାରେ ସେମାନଙ୍କ ଇଜ୍ଜତହାନୀ ହେଉଥିଲା। ଏମାନଙ୍କ ଆଖିରେ ଏ ଅଂଚଳର ଲୋକ ମଣିଷ ତ ନଥିଲେ, ଜନ୍ତୁ ଜାନୁଆରଠାରୁ ବି ହୀନ ଥିଲେ। ଯଦି କିଏ ଏହାର ବିରୋଧ କରୁଥିଲେ ତାକୁ ମିଥ୍ୟା କେସରେ ଜେଲ ପଠାଇ ଦେଉଥିଲେ। ଥାନା ହାଜତରେ ପିଟି ପିଟି ଲହୁଲୁହାଣ କରି ଦିଆଯାଉଥିଲା। ଏହିଭଳି ଏକ ଭୟ ଓ ସନ୍ତ୍ରାସମୂଳକ ପରିବେଶରେ ନିରୀହ ଆଦିବାସୀ ଓ ଅନ୍ୟାନ୍ୟ ଶୋଷିତ ଶ୍ରେଣୀର ଲୋକମାନେ ପୁରୁଷ ପୁରୁଷ ଧରି ସବୁକିଛି ମଥାପାତି ସହିବାକୁ ବାଧ ହେଉଥିଲେ। ଅସହାୟ ଅତ୍ୟାଚାରିତ ଲୋକଙ୍କ ପାଖରେ କେହି ନଥିଲେ। ସବୁ ଭୋଟସର୍ବସ୍ୱ ଦଳମାନେ ଏହି ଚକ୍ରରେ ସାମିଲ। ଏହିଭଳି ପରିସ୍ଥିତିରେ ୮୦ଦଶକର ପ୍ରାରମ୍ଭରେ କମ୍ରେଡ୍ ତାପସ ଦତ୍ତଙ୍କ ପ୍ରତ୍ୟକ୍ଷ ମାର୍ଗ ଦର୍ଶନରେ ଏବଂ କମ୍ରେଡ୍ ଶମ୍ଭୁନାଥ ନାଏକଙ୍କ ନେତୃତ୍ୱରେ ମୟୁରଭଞ୍ଜ ଜିଲ୍ଲାର ଶିମିଳପାଳ ଅଭୟାରଣ୍ୟ ଅଂଚଳରୁ ଗରିବ ଆଦିବାସୀ ଲୋକଙ୍କୁ ଉଚ୍ଛେଦ କରିବା ବିରୁଦ୍ଧରେ ଶକ୍ତିଶାଳୀ ଗଣ ଆନ୍ଦୋଳନ ବ୍ୟାପକ ରୂପ ନିଏ। ଏହାର ପ୍ରଭାବ ଏହି ଜିଲ୍ଲାର ଯଶୀପୁର, ବିଶୋଇ, ରାଇରଂଗପୁର, କରଂଜିଆ, ଶରତ, କପ୍ତିପଦା, ଉଦଳା, ତଥା କେନ୍ଦୁଝର ଜିଲ୍ଲାରେ ପଡେ। ସେହି ଯୋଗସୂତ୍ରରେ ଏ ଅଂଚଳରେ କିଛି ସାହସୀ ଯୁବକ ଗରିବର ସାହା ଭରସାର ବିପ୍ଲବୀ ଦଳ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ସହ ସଂପର୍କିତ ହେଲେ। ସର୍ବହରାର ମହାନ ନେତା କମ୍ରେଡ୍ ଶିବଦାସ ଘୋଷଙ୍କ ଚିନ୍ତା ଶିକ୍ଷାରେ ଉଦ୍‌ବୁଦ୍ଧ ହୋଇ ନୂତନ ସଂଗ୍ରାମ ପାଇଁ ଆଗଭର ହେଲେ। ଲୋକମାନଙ୍କୁ ସଂଗଠିତ କଲେ। ଅନ୍ଧାରି ମୂଳକରେ ଯେମିତି ମୁକ୍ତିର ଲାଲ ସୂର୍ଯ୍ୟ ଉଦିତ ହେଲା। ମୂକ ଜନତାର ମୁହଁରେ ଫୁଟିଲା ପ୍ରତିବାଦର ଭାଷା। ଅତ୍ୟାଚାରିତ ଜନଗଣ ସଂଗଠିତ ହୋଇ ଅଦମ୍ୟ ମନୋବଳ ଓ ସାହସ ନେଇ ଏହି ଅନ୍ୟାୟ ଜୁଲମର ପ୍ରତିବାଦ କଲେ। ଜନଜାଗରଣ ଓ ଜନ ଆନ୍ଦୋଳନରେ ଏହି ପାହାଡି ମୂଳକ ଥରି ଉଠିଲା। ଆନ୍ଦୋଳନ ଚାପରେ ଗୋଟିଏ ପରେ ଗୋଟିଏ ଦାବି ଆଦାୟ ହେବାକୁ ଲାଗିଲା। କମ୍ରେଡ୍ ଦୁର୍ଗା ହେମ୍ବ୍ରମ୍ ଥିଲେ ଏହି ଆନ୍ଦୋଳନର ଜଣେ ଆଗ ଧାଡିର ଯୋଦ୍ଧା। ଏହିଭଳି ଏକ ସମୟରେ ସେହି ୧୯୮୭-୮୮ ମସିହାରେ ତତ୍‌କାଳୀନ ରାଜ୍ୟ ଓ କେନ୍ଦ୍ରରେ ଥିବା କଂଗ୍ରେସ ସରକାର ପକ୍ଷରୁ ଏ ଅଂଚଳର ଆଦିବାସୀ ତଥା ଅନ୍ୟାନ୍ୟ ଅଧିବାସୀମାନଙ୍କୁ ଜମି, ଜଙ୍ଗଲ, ପାହାଡ ଝରଣା ତଥା ଜୀବନ ଜୀବିକାରୁ ଉଚ୍ଛେଦ କରି ବାସ୍ତୁହରା କରିବାର ଯୋଜନାବଦ୍ଧ ଷଡଯନ୍ତ୍ର ଆରମ୍ଭ ହେଲା। ବନୀକରଣ ନାଁରେ ଏକ ଅଭିନବ ପ୍ରତାରଣାମୂଳକ ଯୋଜନା ଅଣାଗଲା। ଘଂଚ ଅରଣ୍ୟାଂଚଳରେ ଏହା ଯେମିତି ଥିଲା ବନୀକରଣର ମାୟା। 'ଶିମିଳାପାଳ, ହଦଗଡ କୁଲଡିହ' ଅଭୟାରଣ୍ୟ ନାଁରେ ଠାକୁରମୁଣ୍ଡା ବ୍ଲକ୍‌ର ସମସ୍ତ ଗ୍ରାମ ପଂଚାୟତ, କେନ୍ଦୁଝର ଜିଲ୍ଲାର କେ ବାଲିପାଳ, ହଦ୍‌ଗଡ, ଧନୁର୍ଜୟପୁର ଗ୍ରାମ ପଂଚାୟତ ସମେତ କପ୍ତିପଦା ବ୍ଲକ୍‌ର ଅଧିକାଂଶ ଗ୍ରାମ ପଂଚାୟତକୁ ସାମିଲ କରି ବନୀକରଣ ନାଁରେ ବୃକ୍ଷରୋପଣ ଆରମ୍ଭ ହେଲା। ପୁରୁଷ ପୁରୁଷ ଧରି ବସବାସ କରୁଥିବା ଆଦିବାସୀ ଓ ଅନ୍ୟାନ୍ୟ ଅଧିବାସୀମାନଙ୍କୁ ଉଚ୍ଛେଦ କରିବାର ପ୍ରକ୍ରିୟା ଆରମ୍ଭ ହେଲା।

ଏତେବେଳକୁ ଏ ଅଂଚଳରେ ସଂଗଠନର ବିସ୍ତାର କିଛିଟା ହୋଇସାରିଥିଲା। ଫଳରେ ଜନଜାଗରଣ ଓ ଶକ୍ତିଶାଳୀ ସଂଗଠିତ ଜନ ଆନ୍ଦୋଳନ ବ୍ୟାପକ ରୂପ ନେଲା। ଏହି ବିସ୍ଥାପନ ବିରୋଧୀ ଆନ୍ଦୋଳନର ଐତିହାସିକ ବିଜୟ ମଧ୍ୟ ହୋଇଥିଲା। ଦୁର୍ଗା ହେମ୍ବ୍ରମ୍ ଥିଲେ ଏହି ଆନ୍ଦୋଳନର ଜଣେ ଅଗ୍ରଣୀ ନେତା। ସେହି ସମୟରେ ଏ ଅଂଚଳର ଲୋକେ ତାଙ୍କୁ ପଂଚାୟତ ସମିତି ସଭ୍ୟଭାବେ ନିର୍ବାଚିତ କରିଥିଲେ, ସେ ମଧ୍ୟ ସଂଗ୍ରାମୀ ଲୋକ ପ୍ରତିନିଧି ଭାବେ ଲଗାତର ଆନ୍ଦୋଳନ ସଂଗଠିତ କରି ବହୁ ଦାବି ଆଦାୟ କରିବା ସହିତ ଅନେକ ଉନ୍ନୟନ ମୂଳକ କାମ କରିପାରିଥିଲେ। ଏ ଅଂଚଳର ଜନଗଣ ବିଶେଷକରି ଅବହେଳିତ ଆଦିବାସୀ ଜନଗଣଙ୍କର ଏହି ଅଭୁତପୂର୍ବ ଜାଗରଣ, ଦୁର୍ଗା ହେମ୍ବ୍ରମ୍ ଭଳି ଜନପ୍ରିୟ ନେତାମାନଙ୍କ ଅଭ୍ୟୁଦୟ ତଥା ବିପ୍ଲବୀ ସଂଗଠନ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ପ୍ରସାର ଦେଖି ଖାଲି ଏ ଅଂଚଳର ଦୁଷ୍ଟ ଚକ୍ର ପ୍ରମାଦ ଗଣିଲେ ତା ନୁହେଁ, ଅସଲ ଶାସକ, ପୁଞ୍ଜିପତି ଶ୍ରେଣୀ ବି ଏହା ମଧ୍ୟରେ ଅଶୁଭ ସଂକେତ ଦେଖିପାରିଲା। ତେଣୁ ଏ ଅଂଚଳର ଆନ୍ଦୋଳନକୁ ଧ୍ୱଂସ କରିବା ପାଇଁ ନୃଶଂସ ଦମନଲୀଳା ଆରମ୍ଭ ହେଲା। ପୁରା ରାଷ୍ଟ୍ର ଶକ୍ତି ଯେମିତି ଓହ୍ଲାଇ ଆସିଲା। ଉଚ୍ଚସ୍ତରରେ ଏ ନେଇ ପରିକଳ୍ପନା ହେଲା। ଗାଁରେ ଗାଁରେ ପୋଲିସ ପଶିଲା। ମିଥ୍ୟା କେସ ଦେଇ ଆଖିବୁଜା ଗିରଫଦାରୀ ଚାଲିଲା। ଲୋକମାନଙ୍କୁ ଉଲଗ୍ନ କରି, ପିଟିପିଟି ଚଲାଇ ଚଲାଇ ନିଆଯାଇଥିଲା। ଅତ୍ୟାଚାର ବର୍ବରତାର ସବୁ ସୀମା ଟପିଯାଇଥିଲା। ଜାମ୍ବି ଜାରିକା ଭଳି କେତେ ମହିଳାମାନଙ୍କ ଉପରେ ବର୍ବର ପାଶବିକ ଅତ୍ୟାଚାର ହେଲା। ଉଦ୍ଦେଶ୍ୟ ଥିଲା ଲଜ୍ଜା ଓ ଅପମାନରେ ଏମାନେ ଆଉ ଘରୁ ବାହାରି ପାରିବେ ନାହିଁ, ମାତ୍ର ଫଳ ଓଲଟା ହୋଇଥିଲା। ଆଉ ଜଣେ ସଂଗ୍ରାମୀ ରମାଏ ସୟଙ୍କୁ ପୋଲିସ ସ୍ୱଷ୍ଟ ଦିବାଲୋକରେ ଗୁଳି କରି ହତ୍ୟା କଲା। ଖାଲି ସେତିକି ନୁହେଁ, ତାର ମୃତ ଶରୀରକୁ ଘୋଷାଡି ଘୋଷାଡି ନେଇ ଯାଇଥିଲେ, ତାର ପରିବାର ବର୍ଗଙ୍କୁ ଦେଇ ନଥିଲେ। ସେଦିନ ଏମାନେ ଏହିଭଳି ହିଂସ୍ର ହୋଇ ଉଠିଥିଲେ। ସେମାନଙ୍କ ସବୁଠୁ ବଡ ଟାର୍ଗେଟରେ ଥିବା ସଂଗ୍ରାମୀ ନେତା ଦୁର୍ଗା ହେମ୍ବ୍ରମ୍‌ଙ୍କୁ ଏକ ମିଥ୍ୟା ହତ୍ୟା କେସରେ ଗିରଫ କରି ଉଦଳା ଜେଲରେ ଅକଥନୀୟ ନିର୍ଯ୍ୟାତନା ଦିଆଗଲା। ଏପରିକି ହାଇକୋର୍ଟରୁ ବେଲ ପାଇ ଖଲାସ ହେବା ଦିନ ସକାଳେ ହିଁ ତାଙ୍କୁ ହତ୍ୟା କରାଗଲା। ସେଦିନ ପୁରା ରାଷ୍ଟ୍ର ଶକ୍ତି ଦୁର୍ଗା ହେମ୍ବ୍ରମ୍‌ଙ୍କୁ କେତେ ଭୟ

(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)

### ଶହୀଦ ଦୁର୍ଗା ହେମ୍ବ୍ରମ୍‌ଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଓଡିଶା ରାଜ୍ୟ କମିଟି ସଂପାଦକ କମ୍ରେଡ୍ ଶଙ୍କର ଦାଶଗୁପ୍ତଙ୍କ ବାର୍ତ୍ତା

ଏହା ଅତ୍ୟନ୍ତ ଆନନ୍ଦର କଥା ଯେ - ଏସୟୁସିଆଇ(କମ୍ୟୁନିଷ୍ଟ) ଦଳର ପଲିଟିବ୍ୟୁରୋ ସଦସ୍ୟ କମ୍ରେଡ ସୌମେନ ବସୁଙ୍କ ଉଦ୍ୟୋଗ ଓ ତତ୍ତ୍ୱାବଧାନରେ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକର ଟୋଲଗାଡ଼ିଆ ସ୍ଥିତ ପାର୍ଟି ଅଫିସ ପରିସରରେ ଶହୀଦ ଦୂର୍ଗା ହେମ୍ବ୍ରମଙ୍କ ଆବକ୍ଷ ପ୍ରତିମୂର୍ତ୍ତି ଆଜି ୨୦୨୬ ମସିହା ମାର୍ଚ୍ଚ ମାସ ୨୨ ତାରିଖରେ ସ୍ଥାପିତ ହେଉଛି।

ସୁପରିକଳ୍ପିତ ଷଡ଼ଯନ୍ତ୍ର ମୂଳକ କାର୍ଯ୍ୟକଳାପରେ ଲିପ୍ତ ଗୋଟିଏ ପ୍ରତିକ୍ରିୟାଶୀଳ ଦୁଷ୍ଟଚକ୍ର ଦ୍ୱାରା ୧୯୯୩ ମସିହା ମାର୍ଚ୍ଚ ୨୨ ତାରିଖରେ ଉଦଳା ଜେଲ୍ କର୍ତ୍ତୃପକ୍ଷଙ୍କ ସଂପୃକ୍ତିରେ କମ୍ରେଡ୍ ଦୁର୍ଗା ହେମ୍ବ୍ରମଙ୍କୁ ଜେଲ ଭିତରେ ଖାଦ୍ୟରେ ବିଷ ଦେଇ ହତ୍ୟା କରାଯାଇଥିଲା। ଓଡ଼ିଶାର ଗଣ ଆନ୍ଦୋଳନର ଇତିହାସରେ ଦୁର୍ଗା ହେମ୍ବ୍ରମ୍‌ଙ୍କ ଶହୀଦତ୍ୱ ଏକ ଐତହାସିକ ଓ ବୀରତ୍ୱପୂର୍ଣ୍ଣ ଘଟଣା ଏବଂ ଆମ ଦେଶରେ ପ୍ରଚଳିତ ପୁଞ୍ଜିବାଦୀ ସମାଜ ବ୍ୟବସ୍ଥାରେ ବଳବତ୍ତର ଥିବା ସମସ୍ତ ପ୍ରକାର ଅନ୍ୟାୟ, ଅତ୍ୟାଚାର, ଏବଂ ଶୋଷଣ ବିରୁଦ୍ଧରେ ଆପୋଷହୀନ ଓ କୃତସଂକଳ୍ପ ଭାବରେ ଲଢେଇ କରିବାପାଇଁ କମ୍ରେଡ୍ ଦୁର୍ଗା ହେମ୍ବ୍ରମଙ୍କର ଏହି ପ୍ରତିମୂର୍ତ୍ତି ନିଃସନ୍ଦେହରେ ବର୍ତ୍ତମାନ ଓ ଭବିଷ୍ୟତ ପିଢିର ଶୋଷିତ ଜନସାଧାରଣ, ବିଶେଷକରି ଅତ୍ୟାଚାରିତ ଆଦିବାସୀ ଜନ ସାଧାରଣ, ଗରିବ ଚାଷୀ, ଛାତ୍ର, ଯୁବକ ଏବଂ ବ୍ୟାପକ ଜନସାଧାରଣଙ୍କୁ ଅନୁପ୍ରେରିତ କରିବ।

ସର୍ବହରାର ମହାନ ନେତା କମ୍ରେଡ୍ ଶିବଦାସ ଘୋଷଙ୍କ ବିପ୍ଲବୀ ଚିନ୍ତା, ଶିକ୍ଷାରେ ଅନୁପ୍ରାଣିତ ହୋଇ ଏବଂ ଆମର ପ୍ରିୟ ଦଳ ଏସୟୁସିଆଇ(କମ୍ୟୁନିଷ୍ଟ)ର ପ୍ରିୟ ପ୍ରୟାତ ପୂର୍ବତନ ରାଜ୍ୟ ସମ୍ପାଦକ ତଥା କେନ୍ଦ୍ରୀୟ କମିଟିର ସଭ୍ୟ କମ୍ରେଡ ତାପସ ଦତ୍ତଙ୍କ ପ୍ରତ୍ୟକ୍ଷ ପରିଚାଳନାରେ କମ୍ରେଡ ଦୁର୍ଗା ହେମ୍ବ୍ରମ୍ ଜଙ୍ଗଲ ଓ ଅନ୍ୟାନ୍ୟ ଆଦିବାସୀ ଅଧୁଷିତ ଅଂଚଳର ଜନସାଧାରଣଙ୍କର ପ୍ରକୃତ ଅଧିକାର ପ୍ରତିଷ୍ଠା ପାଇଁ, ଦୁର୍ନୀତିଗ୍ରସ୍ତ ପୋଲିସ, ପ୍ରଶାସନ, ଫରେଷ୍ଟର, ଜଙ୍ଗଲ ଗାର୍ଡ, ଠିକାଦାର, ଦଲାଲ ତଥା ସେହି ଧରଣର ନେସ୍ତସ୍ୱାର୍ଥ ବ୍ୟକ୍ତି ମାନଙ୍କର ଅସାଧୁ, ଅପରାଧୀ ମେଣ୍ଟ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ଓ ବୀରତ୍ୱପୂର୍ଣ୍ଣ ଗଣଆନ୍ଦୋଳନକୁ ନେତୃତ୍ୱ ଦେଇଥିଲେ।

ଆଜି କମ୍ରେଡ୍ ଦୁର୍ଗା ହେମ୍ବ୍ରମଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନର ଐତିହାସିକ କ୍ଷଣରେ ଏସୟୁସିଆଇ(କମ୍ୟୁନିଷ୍ଟ) ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ମୁଁ ସେ ସମସ୍ତଙ୍କୁ ମୋର ବିପ୍ଲବୀ ଅଭିନନ୍ଦନ ଜ୍ଞାପନ କରୁଛି, ଯେଉଁମାନେ ଦୁର୍ଗା ହେମ୍ବ୍ରମଙ୍କ ଆବକ୍ଷ ପ୍ରତିମୂର୍ତ୍ତି ସ୍ଥାପନର ମହାନ୍ କାର୍ଯ୍ୟ ପାଇଁ ସାମଗ୍ରିକ ଭାବରେ ଉଦ୍ୟୋଗ ଗ୍ରହଣ କରିଛନ୍ତି ଏବଂ ବିଭିନ୍ନ ଭାବରେ ପାରୁପର୍ଯ୍ୟନ୍ତ ଉଦ୍ୟମ କରିଛନ୍ତି। ଏହି ମହାନ୍ ଉଦ୍ୟୋଗ ସମସ୍ତ ପ୍ରକାର ଅନ୍ୟାୟ, ଅବିଚାର, ନିର୍ଯାତନା ବିରୁଦ୍ଧରେ ଗଣଆନ୍ଦୋଳନର ଏକ ନୂତନ ପର୍ଯ୍ୟାୟର ସୂତ୍ରପାତ କରିବବୋଲି ମୁଁ ଆଶା ପୋଷଣ କରୁଛି।

**କମ୍ରେଡ୍ ଦୁର୍ଗା ହେମ୍ବ୍ରମ୍ ଲାଲ ସଲାମ**

# ଋଣ କରି ବଡବଡିଆ ଘିଅ ପିଇବେ, ବିଷ ପିଇବେ ସାଧାରଣ ଲୋକ

ଗତ ବିଧାନସଭା ଅଧିବେସନରେ ଉପସ୍ଥାପିତ ରାଜସ୍ୱ ବିବରଣୀରୁ ରାଜ୍ୟର ଭୟାବହ ଋଣ ପରିସ୍ଥିତି ଲୋକଲୋଚନକୁ ଆସିଛି। ଚଳିତ ବର୍ଷ ଅର୍ଥାତ୍ ୨୦୨୬ ଫେବୃୟାରୀ ଶେଷ ସୁଦ୍ଧା ରାଜ୍ୟର ମୋଟ ଋଣର ପରିମାଣ ହେଉଛି ୧,୨୫,୯୧୫.୩୦ କୋଟି ଟଙ୍କା। ଏହାର ଅର୍ଥ ରାଜ୍ୟର ପ୍ରତ୍ୟେକ ଲୋକଙ୍କ ମୁଣ୍ଡରେ ୨୬,୭୮୩.୩୩ ଟଙ୍କାର ଋଣ ବୋଝ ପଡିଛି। ଆହୁରି ମଧ୍ୟ ସରକାର ଘୋଷଣା କରିଛନ୍ତି, ୨୦୨୬-୨୭ରେ ପୁଣି ୪୭,୮୦୦ କୋଟି ଟଙ୍କା ଋଣ କରିବେ। ତେଣୁ ଏହି ନୁତନ ଋଣକୁ ମିଶାଇଲେ ୨୦୨୬ ଆର୍ଥିକ ବର୍ଷରେ ମୋଟ ଋଣର ପରିମାଣ ହେବ ୧,୭୩,୭୦୧.୩୦ କୋଟି ଟଙ୍କା। କି ବିଶାଳ ଋଣର ପାହାଡ! ଅତୀତର ଅନ୍ୟାନ୍ୟ ସରକାରମାନଙ୍କ ଭଳି ଏଥର ବି ବିଜେପି ସରକାର କହିଛନ୍ତି ଯେ, ଚଳିତ ବର୍ଷ ୨୦,୦୦୦କୋଟି ଋଣ ବାବଦକୁ ୮,୨୦୦ କୋଟି ସୁଧ ବାବଦକୁ ପରିଶୋଧ କରାହେବ। ତା ସତ୍ତ୍ୱେ ବି ମୁଣ୍ଡ ପିଛା ଋଣ ଭାର ବଢି ବଢି ଚାଲିବ। ତେବେ କହିବା ବାହୁଲ୍ୟ, ସରକାରଙ୍କ ନୀତି ଓ ଅଭିଜ୍ଞତା ପ୍ରମାଣ କରୁଛି ଯେ, ଏହି ଶୁଝିବା ଅର୍ଥ ମଧ୍ୟ ବିଭିନ୍ନ ଟିକସ ମାଧ୍ୟମରୁ ସାଧାରଣ ଲୋକଙ୍କ ନିକଟରୁ ଆଦାୟ ହେବ, ଧନୀକ ବର୍ଗ, ପୁଞ୍ଜିପତି ଶ୍ରେଣୀଙ୍କ ପାଖରୁ ନୁହେଁ।

କେନ୍ଦ୍ର ଓ ରାଜ୍ୟ ବିଜେପି ସରକାର ପ୍ରତିଷ୍ଠିତ ହୋଇଛି, ସାଧାରଣ ଲୋକ ନୁହନ୍ତି ବିଜେପି ଦଳ ହିଁ ଏହି ସରକାରକୁ 'ଡବଲ ଇଂଜିନ' ସରକାର ନାଁ ଦେଇଛି। ପୁଣି ଯେଉଁଠି ମହାନଗର, ମ୍ୟୁନିସିପାଲିଟି ଆଦି ବିଜେପି ଅକ୍ତିଆରରେ ଅଛି ସେଠି 'ଟ୍ରିପିଲ ଇଂଜିନ' ସରକାର ଚାଲିଛି ବୋଲି ସେମାନେ କୁହନ୍ତି। କାହିଁ ଋଣ ଭାରରୁ ତ ମୁକ୍ତି ନାହିଁ? ବରଂ ଋଣ ଭାର ବଢି ବଢି ଚାଲିଛି। କେନ୍ଦ୍ର ଓ ରାଜ୍ୟ ସରକାର ମଧ୍ୟରେ କିଏ କେତେ ଅଧିକ ଋଣ କରିବ ତାକୁ ନେଇ ପ୍ରତିଯୋଗିତା ଚାଲିଛି। ଏହା ହିଁ କ'ଣ 'ବିକାଶ'ର ପରିଚାୟକ? ଏକ ଋଣଗ୍ରସ୍ତ ଦେଶ ବା ରାଜ୍ୟକୁ କେଉଁ ଯୁକ୍ତିରେ 'ବିକଶିତ' ରାଜ୍ୟ ବା ଦେଶ କୁହାଯିବ ତା' ସେମାନେ ହିଁ ଜାଣନ୍ତି। ପ୍ରତିବର୍ଷ ନିଅଣ୍ଟିଆ ବଜେଟ ଉପସ୍ଥାପନ ହୁଏ ଓ ସେହି ନିଅଣ୍ଟକୁ ଭରଣା ପାଇଁ ଋଣ ହୁଏ ଓ ସାଧାରଣ ଜନତାଙ୍କ ଉପରେ ଟିକସ ଆଦାୟ ଆହୁରି ନିର୍ମମ ହୁଏ। ଏହା ହିଁ ଚାଲିଛି। ଡବଲ ଇଂଜନ ସରକାର ଏ ଦିଗରେ ଯେ ଖୁବ ଆଗୁଆ, ଏହା ଲୋକ ତ ଦେଖି ସାରିଲେଣି। ପ୍ରଶ୍ନ ଉଠେ, ଏହି ଋଣ କାହା ସ୍ୱାର୍ଥରେ ଓ କାହିଁକି କରାଯାଏ ଓ ଏହି ଋଣର ମାଡ କାହା ଉପରେ ପଡେ? ଏ ପ୍ରଶ୍ନର ଉତ୍ତର ପାଇବା ବୋଧେ ଆଜି ଆଉ କଠିନ ନୁହେଁ। ରାଜ୍ୟର ବିଜେପି ସରକାରକୁ ଦୁଇବର୍ଷ ପୁରିବାକୁ ଯାଉଛି। ଏଠି କିଭଳି ଟଙ୍କା ପାଣି ଭଳି ଖର୍ଚ୍ଚ ହେଇଛି ତା'ତ ଜଳ ଜଳ କରି ଦେଖାଯାଉଛି। ଭାଷଣରେ ବହୁତ କିଛି ହେଉଛି କିନ୍ତୁ ଶିକ୍ଷା, ସ୍ୱାସ୍ଥ୍ୟ, କର୍ମ ନିଯୁକ୍ତି ଭଳି ବିକାଶମୂଳକ କାମରେ କେତେ ଖର୍ଚ୍ଚ ହେଉଛି ତା'ତ ସମସ୍ତଙ୍କୁ ଜଣା। କିନ୍ତୁ ସରକାରୀ କୋଠାରୁ ଆରମ୍ଭ କରି ଶିକ୍ଷାନୁଷ୍ଠାନ, ପୋଲ, କାନ୍ଥ ବାଡ, ଗାଡି ମୋଟର ସବୁକିଛି କୁ ଗେରୁଆ ରଂଗ କରିବାରେ କେତେ ଟଙ୍କା ଖର୍ଚ୍ଚ ହୋଇଛି କେତେ ଟଙ୍କା ଏହି ନାଁରେ ନେତା ମନ୍ତ୍ରୀ ଅଫିସର କଣ୍ଟ୍ରାକ୍ଟରମାନେ ହାତ ପଇଠ କରିଛନ୍ତି ତା'ର ଆକ୍ଷରିକ ହିସାବ ରାଜ୍ୟବାସୀ ନପାଇଲେ ବି ନିଶ୍ଚିତ ଅନୁମାନ କରୁଥିବେ। ଓଡିଆ ଅସ୍ମିତା ନାଁରେ ବିଜ୍ଞାପନରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୁଏ। ଏଣେ ଓଡିଆ ଭାଷା ଶିକ୍ଷା, ଓଡିଆ ମାଧ୍ୟମ ସ୍କୁଲ ଗୁଡିକ ଅର୍ଥ ଓ ପ୍ରୋତ୍ସାହନର ଅଭାବ ଏବଂ ସରକାରୀ ନୀତି ଯୋଗୁ ଦୟନୀୟ ସ୍ଥିତି। ପୁଣି ଅସ୍ମିତା ନାଁରେ ଦିଲ୍ଲୀରେ କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ବିଶାଳ ଭବନ ନିର୍ମାଣ ଆରମ୍ଭ ହୋଇଯାଇଛି। ଓଡିଶାର କେତେ ସାଧାରଣ ଲୋକ ଏହି ଭବନରୁ ଉପକୃତ ହେବେ, ତା ସମସ୍ତେ ଜାଣନ୍ତି। ସରକାରଙ୍କ ତଥାକଥିତ ସଫଳତାର ଗାଥା ତଥା ବିଜେପି ଦଳର ପାରିବାପଣିଆ ପ୍ରଚାର ପାଇଁ ସରକାରୀ ତହବିଲରୁ କୋଟି କୋଟି ଟଙ୍କା ଖର୍ଚ୍ଚ ଚାଲିଛି। ପୁଣି ନେତା ମନ୍ତ୍ରୀ ଅଫିସର ମାନଙ୍କ ବିଳାସପୂର୍ଣ୍ଣ ସାହେବୀ ଜୀବନ ନିମନ୍ତେ ଚାଲିଛି ବେହିସାବି ଅଜସ୍ର ଖର୍ଚ୍ଚ ଯେଉଁଥିରେ କୌଣସି ବାଡବତା ନାହିଁ। ଏହି ତାଲିକା ବେଶ ଲମ୍ବା ହେବ, ଏଠାରେ କିଛି ଉଦାହରଣ ଉଲ୍ଲେଖ କରାଗଲା ମାତ୍ର। ଏହିଭଳି ଭାବେ ଜନଗଣଙ୍କ ଅର୍ଥ ହରିଲୁଟ ଚାଲିଛି। ରାଜ୍ୟ ବା ଦେଶର ରାଜକୋଷର ଉତ୍ସକୁ ଟିକେ ନଜର କରନ୍ତୁ। ଏଥିରେ ଉଚ୍ଚ ଧନୀକ ବର୍ଗ, ପୁଞ୍ଜିପତି ଶ୍ରେଣୀ, ନିଜକୁ ଜନସେବକ ବୋଲାଉଥିବା ନେତା ମନ୍ତ୍ରୀ ତଥା ଅଫିସର ମାନଙ୍କର ଅବଦାନ ଏବଂ ସାଧାରଣ ଲୋକଙ୍କର ଅବଦାନକୁ ବିଚାର କରନ୍ତୁ। ଗତ ବିଧାନସଭା ଅଧିବେଶନରେ ସ୍ୱୟଂ ମୁଖ୍ୟମନ୍ତ୍ରୀ ଉପସ୍ଥାପନ କରିଥିବା ରାଜସ୍ୱ ବିବରଣୀରେ ଏହା ସ୍ପଷ୍ଟ ହୋଇଯାଇଛି। ୨୦୨୬ ଆର୍ଥିକ ବର୍ଷରେ ମୋଟ ରାଜସ୍ୱ ସଂଗ୍ରହର ପରିମାଣ ଥିଲା ୧,୦୩,୩୪୯.୯୪ କୋଟି ଟଙ୍କା। ରାଜ୍ୟ ଜିଏସ୍‌ଟିରୁ ୨୦,୫୬୬.୭୭ କୋଟି, ଅବକାରୀ ଟିକସରୁ ୭୩୩୮.୮୩ କୋଟି, ଯାନବାହାନ କର ରୁ ୨୫୮୧.୭୫ କୋଟି ଓ ବିଦ୍ୟୁତ ଶୁଳ୍କରୁ ୪୨୯୯.୯୮, ବାଣିଜ୍ୟ କର ୩୧,୮୮୮.୭୫ କୋଟି, ବିକ୍ରିକର ମାଧ୍ୟମରେ ୧୧,୩୦୨.୯୭ କୋଟି, ବୃହତ, ମଧ୍ୟମ ଓ କ୍ଷୁଦ୍ର ଜଳସେଚନରୁ ଜଳକର ମାଧ୍ୟମରେ ୧୧୯୩.୯୪ କୋଟି ଆସିଛି। ଏଠାରେ ଲକ୍ଷଣୀୟ ରାଜ୍ୟର ବ୍ୟାପକ ଓ ଉନ୍ନତ ପ୍ରାକୃତିକ ସଂପଦ ବଡ ବଡ କମ୍ପାନୀମାନଙ୍କ ହାତରେ ଟେକିଦେଲାବେଳେ ସେମାନଙ୍କ ପାଇଁ ସରକାରଙ୍କ ଟିକସ ନୀତି ଖୁବ କୋହଳ। ତା'ର ବି ଝଲକ ଦେଖିବାକୁ ମିଳିଛି। ଯେମିତି, ଅଣଲୌହ ଖଣି ଓ ଧାତବ ଶିଳ୍ପରୁ ମାତ୍ର ୩୯,୫୩୩.୨୩ କୋଟି, କୋଇଲା ଓ ଲିଗନାଇଟରୁ ୧୧୪୬.୫୫ କୋଟି ରୟାଲଟି ବାବଦକୁ ଆଦାୟ ହୋଇଛି। ଏବଂ ରାଜ୍ୟର ମୂଲ୍ୟବାନ ପ୍ରାକୃତିକ ସଂପଦ ଓ ଅନ୍ୟାନ୍ୟ ଭିତ୍ତିଭୂମି ବ୍ୟବହାର କରି ହଜାର ହଜାର କୋଟି (କୌଣସି ହିସାବ ନାହିଁ) ଟଙ୍କା ଲାଭ ଅର୍ଜନ କରୁଥିବା ଦେଶୀ ବିଦେଶୀ କମ୍ପାନୀମାନଙ୍କ ପାଖରୁ ଲାଭାଂଶ ବାବଦରୁ ମିଳିଛି ମାତ୍ର ୬୯୬୩.୭୫ କୋଟି ଟଙ୍କା। ଏଠାରେ ଉଲ୍ଲେଖଯୋଗ୍ୟ ଖଣିଜ ଦ୍ରବ୍ୟ ଉପରେ ରୟାଲଟି ଆଦାୟରେ ଦୀର୍ଘ ବର୍ଷ ଧରି କୌଣସି ବୃଦ୍ଧି କରାଯାଇ ନାହିଁ। ଝିଣ୍ଟିକା ମାରି ବଣି ପୋଷିବା ନ୍ୟାୟରେ ସରକାର ସାଧାରଣ ଲୋକଙ୍କୁ ମାରି, କମ୍ପାନୀ ପୋଷି ଚାଲିଛନ୍ତି। ଆଉ ଏ କ୍ଷେତ୍ରରେ ବିଜେପିର ଡବଲ ଇଞ୍ଜିନ ସରକାର ଚମ୍ପିୟନ ସାଜିଛି। ଗରିବ ଟ୍ୟାକ୍ସ ଦେଇ ଦେଇ ସର୍ବସ୍ୱାନ୍ତ। ପୁଣି ତା' ଉପରେ ଋଣର ବୋଝ ଲଦି ଦିଆଯିବ। ଆଉ ଧନୀକ ବର୍ଗ ପୁଞ୍ଜିପତି ଶ୍ରେଣୀ ଟ୍ୟାକ୍ସ ରିହାତି ପାଇ ସେମାନେ କରିଥିବା ଋଣ ଛାଡର ଫାଇଦା ନେଇ ଓ ସମସ୍ତ ପ୍ରକାର ସୁବିଧା ସୁଯୋଗ ପାଇ ଆହୁରି ଧନୀ ହୋଇ ଚାଲିବେ। ଫଳରେ ଧନୀ ଦରିଦ୍ରର ତାରତମ୍ୟ ଓ ବୈଷମ୍ୟ ବଢି ବଢି ଚାଲିଛି ଓ ଏହା ହିଁ ହେଉଛି ପୁଞ୍ଜିବାଦୀ ବିକାଶ ଓ ପୁଞ୍ଜିବାଦୀ ନୀତି। ଏହି ନୀତି ଅନୁଯାୟୀ କି କି ମନଲୋଭା ଯୋଜନା ଗ୍ରହଣ କଲେ ଲୋକଙ୍କୁ ଆହୁରି ଠକି ହେବ, ଧନୀକୁ ଫାଇଦା ଦିଆଯିବ ତା'ର ହିଁ ଗବେଷଣା ଚାଲିଛି। ସାଧାରଣ ଲୋକଙ୍କର ବଂଚିବାର କୌଣସି ସ୍ଥାୟୀ ସୁଯୋଗ ନାହିଁ। କିନ୍ତୁ ଦାନ ଦକ୍ଷିଣା ଭଳି କିଛି ଟଙ୍କା ଚାଉଳ ବାଣ୍ଟି ସରକାର ଖୁବ ବାହାସ୍ଫୋଟ ମାରୁଛନ୍ତି, ଏହା ତ ଭୋଟ ଶିକାରୀ ଦଳମାନଙ୍କର ଶିକାରକୁ ଥୋପ ଦେଲା ଭଳି। ଏମାନେ ୫୦ଟଙ୍କା ଖର୍ଚ୍ଚ କରି ୫୦କୋଟି ପିଠିରୁ ଚମଡାଛାଲି ଆଦାୟ କରନ୍ତି, ତା ସାଧାରଣ ଲୋକ ଅଙ୍ଗେ ନିଭାଉଛନ୍ତି। ତେଣୁ ପୁଞ୍ଜିପତି ଶ୍ରେଣୀ ସ୍ୱାର୍ଥରେ ସେମାନଙ୍କ ସେବାଦାସ ସରକାର ଋଣ କରି ଘିଅ ପିଇବେ ଆଉ ସାଧାରଣ ଲୋକ ସେହି ଋଣ ଶୁଝିବାକୁ ଯାଇ ବିଷ ପିଇ ମରିବେ! ଏହା ହିଁ ତ ଚାଲିଛି। ବିଜେପି ଅତୀତର ରେକର୍ଡକୁ ଟପିଯାଇଥିଲେ ବି ଏ ପ୍ରସଙ୍ଗରେ କିନ୍ତୁ କଂଗ୍ରେସ ବିଜେଡି ଭଳି ବିଭିନ୍ନ ରାଜ୍ୟର ଆଂଚଳିକ ଦଳ ଏପରିକି ନିଜକୁ କମ୍ୟୁନିଷ୍ଟ ବୋଲାଉଥିବା ଦଳମାନଙ୍କ ପରିଚାଳିତ ସରକାରଙ୍କ ନୀତି ଯେ ଏକ ଏହି ସତ୍ୟଟି ଆଉ ଅଛପା ନାହିଁ। ତେଣୁ ଶୋଷିତ ସାଧାରଣ ଜନତା ଏହି ସତ୍ୟକୁ ବୁଝି ନିଜର ସଂଗଠନକୁ ଚିହ୍ନି ସଠିକ ରାସ୍ତାରେ ଏହି ଶୋଷଣ ବଂଚନା ବିରୁଦ୍ଧରେ ପ୍ରତିବାଦ ଆନ୍ଦୋଳନ ଗଢିତୋଳିବା ବ୍ୟତିରେକେ ଅନ୍ୟକୌଣସି ରାସ୍ତା ନାହିଁ।

★★★

## ଆବେଗପୂର୍ଣ୍ଣ ପ୍ରତ୍ୟୟ ...

(୬ଷ୍ଠ ପୃଷ୍ଠାର ଅବଶିଷ୍ଟାଂଶ)

କରୁଥିଲା, ତା'ର ଏହା ହିଁ ପ୍ରମାଣ। ତେବେ ଦୁର୍ଗା ହେମ୍ବ୍ରମ୍‌ଙ୍କ ଶହୀଦତ୍ୱ ଆନ୍ଦୋଳନର ଅଗ୍ନିକୁଣ୍ଡରେ ଘୃତ ସଂଯୋଗ କଲା। ଶତ ଶତ ଦୁର୍ଗା ହେମ୍ବ୍ରମ୍ ସୃଷ୍ଟି ହେଲେ। ଆନ୍ଦୋଳନକୁ ଆଗେଇ ନେଲେ। ତେବେ ଦୁର୍ଗା ହେମ୍ବ୍ରମଙ୍କ ସଂଗ୍ରାମ ସରି ନାହିଁ। ଆଜି ନୂଆ ରୂପରେ ଆକ୍ରମଣ ଆହୁରି ଭୟାବହ ହୋଇଛି। ଆଦିବାସୀ ଓ ଅନ୍ୟାନ୍ୟ ଜଙ୍ଗଲ ଅଧିବାସୀମାନଙ୍କୁ ଉଚ୍ଛେଦ କରିବା ପାଇଁ ମାରାତ୍ମକ କଳା ଆଇନ ମାନ ପ୍ରଣୟନ ହୋଇଛି। ତଥାକଥିତ ବନୀକରଣ, ଖଣି ଖନନ, ବିଭିନ୍ନ ଅଭୟାରଣ୍ୟ ପ୍ରକଳ୍ପ ଓ କମ୍ପାନୀର ସ୍ୱାର୍ଥରେ ଶିଳ୍ପାୟନ ନାଁରେ ବିସ୍ଥାପନ ଚାଲିଛି। ବିଭିନ୍ନ ସ୍ଥାନରେ ପ୍ରତିବାଦ ପ୍ରତିରୋଧ ଆନ୍ଦୋଳନ ଚାଲିଛି। ନିକଟବର୍ତ୍ତୀ କେନ୍ଦୁଝର ଜିଲ୍ଲାର ପାଟଣା ବ୍ଲକ୍‌ର ପୋସ୍କୋ ଜିନ୍ଦଲ ବିରୋଧୀ ଆନ୍ଦୋଳନରେ ସେ ଅଂଚଳର ଅଧିବାସୀମାନେ ଲାଠି, ଗୁଳି, ଜେଲଖାନା, ପୋଲିସର ଅମାନୁଷିକ ଅତ୍ୟାଚାର ଓ ଧମକକୁ ପରୱା ନକରି ଆନ୍ଦୋଳନ ଚଳାଇଛନ୍ତି। ତେଣୁ ଜନଗଣଙ୍କ ସଂଗ୍ରାମରେ ଦୁର୍ଗା ହେମ୍ବ୍ରମ୍ ଅମର ହୋଇ ରହିଛନ୍ତି। ସର୍ବହରାର ମହାନ ନେତା କମ୍ରେଡ୍ ଶିବଦାସ ଘୋଷଙ୍କ ଉପରେ ରଚିତ ସଂଗୀତ ଗାନପରେ ସଭା ଶେଷ ହୋଇଥିଲା।

ଶ୍ରୋତାମଣ୍ଡଳୀ ଦୀର୍ଘ ସମୟ ଧରି ଲୋତକପୂର୍ଣ୍ଣ ନୟନରେ ବକ୍ତାମାନଙ୍କ ବକ୍ତବ୍ୟକୁ ଏକାଗ୍ରତାର ସହ ଶୁଣୁଥିଲେ। ଏହାର ଆବେଗ ଏତେ ମର୍ମଭେଦୀ ଥିଲା ଯେ, ତା'ପରଦିନ ସକାଳେ ଜଣେ ତରୁଣୀ ପାର୍ଟିର ଜଣେ ମହିଳା କମ୍ରେଡ୍‌ଙ୍କ ଘରକୁ ଛୁଟି ଯାଇ କହିଥିଲେ, 'ମୁଁ କାଲି ରାତି ସାରା ଶୋଇ ପାରିନାହିଁ। ମୁଁ କିଛି କରିବାକୁ ଚାହେଁ।'

ସଭାପରେ ପ୍ରଦର୍ଶିତ ହେଲା ଏଆଇଡିଏସ୍‌ଓ ରାଜ୍ୟ ସଭାପତି କମ୍ରେଡ୍ ସୋମନାଥ ବେହେରାଙ୍କ ଦ୍ୱାରା ରଚିତ ଓ ନିର୍ଦ୍ଦେଶିତ ନାଟକ 'ସେହି ରକ୍ତାଝରା ଦିନ'। ୧୮ଜଣ ଛାତ୍ର ଛାତ୍ରୀ ଗୋଟିଏ ଜାଗାରେ ରହି ନାଟକର ରିହରସାଲ କରୁଥିଲେ। ପୁଣି ପାଣ୍ଠି ସଂଗ୍ରହ, ପ୍ରଚାରରେ ବି ସାମିଲ ହେଉଥିଲେ। ନଥିଲା କ୍ଲାନ୍ତିର ଆଭାସ। ସର୍ବଶେଷରେ ସେମାନଙ୍କର ଅଭିଜ୍ଞତା ବର୍ଣ୍ଣନା କରୁଥିବାବେଳେ କଇଁ କଇଁ ହୋଇ କାନ୍ଦି କହୁଥିଲେ, 'ନାଟକର ରିହରସାଲ ଚାଲୁଥିବାବେଳେ ଆମେ ଏହି ଚରିତ୍ରମାନଙ୍କର ମୂଲ୍ୟ ଓ ତାତ୍ପର୍ଯ୍ୟ ସେତେ ବୁଝିନଥିଲୁ। କିନ୍ତୁ ବକ୍ତବ୍ୟରେ ସେହି ସଂଗ୍ରାମୀ ମାନଙ୍କ ତଥା ସେହି ରକ୍ତଝରା ଦିନଗୁଡିକ ସଂପର୍କରେ ଶୁଣିବା ପରେ ଆମେ ବୁଝିପାରିଲୁ, ଏହି ଚରିତ୍ରମାନଙ୍କର ମୂଲ୍ୟ କେତେ? ଲାଗୁଥିଲା ସତେଯେମିତି ଦୁର୍ଗା ହେମ୍ବ୍ରମ୍, ରମାଏ ସାୟ ଓ ଅନ୍ୟ ସଂଗ୍ରାମୀମାନେ ଆମ ସାମ୍ନାରେ ଆସି ଛିଡା ହୋଇଛନ୍ତି। ନାଟକ ମଂଚସ୍ଥ ପୂର୍ବରୁ ସେହି କମ ସମୟ ଭିତରେ ନିଜକୁ ପ୍ରସ୍ତୁତ କରିନେଇଥିଲୁ ଓ ସେହି ଚରିତ୍ରମାନଙ୍କୁ ଜୀବନ୍ତ ଭାବେ ପ୍ରଦର୍ଶିତ କରିବାକୁ ଚେଷ୍ଟା କରିଥିଲୁ।'

ସଭା ସରିଲା, ନାଟକ ବି ସରିଲା, କିନ୍ତୁ ସରୁ ନଥାଏ ଲୋକଙ୍କର ଭିଡ। ସଂନ୍ଧ୍ୟା ଅତିକ୍ରାନ୍ତ। ରାତି ହେଇଯାଉଥାଏ। ଜଙ୍ଗଲିଆ ରାସ୍ତା। ଛୋଟ ପିଲା ମା କୋଳରେ ଅଛି। ବୟସ୍କମାନେ ବି ଅଛନ୍ତି। ହେଲେ ନାହିଁ ଘରକୁ ଫେରିବାର ଉଦ୍‌ବିଗ୍ନତା। ସମସ୍ତଙ୍କ କଣ୍ଠରେ ସେହି ଗୋଟିଏ ସ୍ଲୋଗାନ

'ଦୁର୍ଗା ହେମ୍ବ୍ରମ୍ ଅମର ରହେ
ଶହୀଦର ରକ୍ତ ହୁଏ ନାହିଁ ବ୍ୟର୍ଥ'

କିନ୍ତୁ ଫେରିବାକୁ ତ ହେବ। ଦୁର୍ଗା ହେମ୍ବ୍ରମ୍‌ର କାମ ଯେ ଅନେକ ବାକି ଅଛି। ଆହୁରି ଅଧିକ ତେଜ ନେଇ ଗଭୀର ବୁଝାମଣା ଆୟତ୍ତ କରି ତଥା ଦୃଢ ସଂକଳ୍ପ ନେଇ ଏହି କାମକୁ ଆଗେଇ ନେବାକୁ ହେବ। ଆଜି ଯେ ଶତ ଶତ ଦୁର୍ଗା ହେମ୍ବ୍ରମ୍ ପ୍ରୟୋଜନ।

ସତରେ ଶହୀଦ ଦୁର୍ଗା ହେମ୍ବ୍ରମ୍‌ଙ୍କର ପ୍ରତିମୂର୍ତ୍ତୀ ଜୀବନ୍ତ ହୋଇ ଉଠିବ, ଯଦି ସେହି ପ୍ରୟୋଜନ ନୂତନ ପ୍ରଜନ୍ମର ମଣିଷ ଉପଲବ୍ଧି କରି ସମାଜ ବିପ୍ଲବର ଦାୟିତ୍ୱ ପାଳନରେ ଆଗଭର ହେବେ। ଦୁର୍ଗା ହେମ୍ବ୍ରମ୍ ଥିଲେ ପୁଞ୍ଜିବାଦ ବିରୋଧୀ ଶୋଷଣ ମୁକ୍ତିର ସମାଜତାନ୍ତ୍ରିକ ବିପ୍ଳବୀ ଗଣ ଆନ୍ଦୋଳନର ସୃଷ୍ଟି। ଏହି ଆନ୍ଦୋଳନର ଧାରାବାହିକତାରେ ହିଁ ଦିନେ ଏ ଦେଶରେ ସଫଳ ହେବ ପୁଞ୍ଜିବାଦ ବିରୋଧୀ ସମାଜତାନ୍ତ୍ରିକ ବିପ୍ଳବ। ପ୍ରତିଷ୍ଠା ହେବ ଶୋଷଣହୀନ ସମାଜବାଦୀ ସମାଜ ବ୍ୟବସ୍ଥା, ଯେଉଁଠି ନଥିବ ମଣିଷ ଉପରେ ମଣିଷର ଶୋଷଣ। ସାର୍ଥକ ହେବ ଦୁର୍ଗା ହେମ୍ବ୍ରମ୍‌ଙ୍କ ଭଳି ଶହୀଦ ମାନଙ୍କର ସ୍ୱପ୍ନ। ବିପ୍ଳବୀ ଆନ୍ଦୋଳନ ଏକ ଚଳମାନ ପ୍ରବାହ, ଏକ ସଚେତନ ସର୍ବବ୍ୟାପକ ଜୀବନ୍ତ ସଂଗ୍ରାମ। ସେହି ସଂଗ୍ରାମରେ ନିଜକୁ ବ୍ରତି କରିବାକୁ ହେବ। ଦୁର୍ଗା ହେମ୍ବ୍ରମ୍‌ଙ୍କ ଆବକ୍ଷ ପ୍ରତିମୂର୍ତ୍ତୀ ଚନ୍ଦ୍ରାଲୋକରେ ଉଦ୍‌ଭାସିତ ହୋଇ ଯେମିତି ଏହି ଆହ୍ୱାନ ଦେଉଥିଲା।

★★★

Regd.No-ORI ORI/2011/37220 • VOL. NO. 12, ISSUE NO. 17 • ମୂଲ୍ୟ-୫ଟଙ୍କା

# ଚାରିଟି ଶ୍ରମ କୋଡ୍ ଲାଗୁ କରିବା ପ୍ରତିବାଦରେ ରାଜ୍ୟବ୍ୟାପୀ ଟ୍ରେଡ ୟୁନିଅନ ମାନଙ୍କର ମିଳିତ କଳା ଦିବସ ପାଳନ










କେନ୍ଦ୍ର ବିଜେପି ସରକାର ଶ୍ରମିକ କର୍ମଚାରୀ ବିରୋଧୀ ଓ ପୁଞ୍ଜିପତି ଶ୍ରେଣୀ ସପକ୍ଷବାଦୀ ୪ଟି ଶ୍ରମ କୋଡ୍ ପ୍ରଣୟନ କରିଛନ୍ତି।୨୦୨୫ ମସିହା ନଭେମ୍ବର ୨୧ ତାରିଖରୁ ଏହି କୋଡ ଗୁଡିକୁ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ର ସରକାର ଇତିମଧ୍ୟରେ ଆଇନ(ରୁଲ୍ସ) ପ୍ରଣୟନ କରିଛନ୍ତି। ଗୋଟିଏ ପରେ ଗୋଟିଏ ରାଜ୍ୟ ସରକାର ମଧ୍ୟ ଏ ସଂକ୍ରାନ୍ତିୟ ରୁଲ୍ସ ପ୍ରଣୟନ କରୁଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ମାନଙ୍କର ଏହି ପଦକ୍ଷେପ ବିରୁଦ୍ଧରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନମାନଙ୍କ ମିଳିତ ମଂଚ ଓ ସଂଯୁକ୍ତ କିଷାନ ମୋର୍ଚ୍ଚା ମିଳିତ ଭାବେ ୨୦୨୬ ମସିହା ଏପ୍ରିଲ ୧ ତାରିଖରେ ଦେଶବ୍ୟାପୀ କଳା ଦିବସ ପାଳନ ଡାକରା ଦେଇଥିଲେ। ଦେଶ ବ୍ୟାପୀ କଳା ଦିବସ ପାଳିତ ହୋଇଛି ଏବଂ ଏହି କାର୍ଯ୍ୟକ୍ରମରେ ବିପୁଳ ସଂଖ୍ୟକ ଶ୍ରମିକ କର୍ମଚାରୀ ଯୋଗ ଦେଇଛନ୍ତି। ଏପ୍ରିଲ ୧ ତାରିଖ ଉତ୍କଳ ଦିବସ ଉପଲକ୍ଷେ ଛୁଟି ଥିବାରୁ ଓଡିଶାରେ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ମିଳିତ ମଂଚ ପକ୍ଷରୁ ଏପ୍ରିଲ ୨ ତାରିଖରେ କଳା ଦିବସ ପାଳନ କରାଯାଇଛି। ଏଆଇୟୁଟିୟୁସି ପକ୍ଷରୁ ବ୍ରହ୍ମପୁର, ଭୁବନେଶ୍ୱର, କଟକ, ଜଗତସିଂହପୁର, ବାଲେଶ୍ୱର, ଯଶିପୁର, ରାଉରକେଲା, ଅନୁଗୁଳ ଆଦି ସ୍ଥାନରେ ମିଳିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରା ଯାଇଛି। ଏହି କାର୍ଯ୍ୟକ୍ରମ ଗୁଡ଼ିକର କେତୋଟି ଫଟୋ ଏଠାରେ ଦିଆଯାଇଛି।

## ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟରେ କୁଳପତି ସମେତ ଖାଲି ପଡ଼ିଥିବା ଅଧ୍ୟାପକ, ପ୍ରଫେସର ଓ ଶିକ୍ଷା କର୍ମଚାରୀ ପଦବୀ ତୁରନ୍ତ ପୂରଣ କରିବା ଦାବିରେ

## ସାରା ଓଡ଼ିଶା ଦାବି ଦିବସ





ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟରେ କୁଳପତି ସମେତ ଖାଲି ପଡ଼ିଥିବା ଅଧ୍ୟାପକ, ପ୍ରଫେସର ଓ ଶିକ୍ଷା କର୍ମଚାରୀ ପଦବୀ ତୁରନ୍ତ ପୂରଣ କରିବା ଦାବିରେ ୨୬ ମାର୍ଚ୍ଚ ସାରା ଓଡ଼ିଶା ଦାବି ଦିବସ ପାଳନ ଅବସରରେ ଏଆଇଡିଏସ୍ଓ ପକ୍ଷରୁ ରେଭେନ୍ସା ବିଶ୍ୱବିଦ୍ୟାଳୟ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ, ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବାରିପଦା ଏମ୍ଏସସିବି ବିଶ୍ୱବିଦ୍ୟାଳୟ, ଏଡିଏମ, ଯାଜପୁର ରୋଡ, ଏଡିଏମ, ଅନୁଗୋଳ ଅଫିସ ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ ହୋଇଛି ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି।

ଏଆଇଡିଏସ୍ଓ ରାଜ୍ୟ ଉପ ସଭାପତି କମ୍ରେଡ଼ ନିରୁପମା ବେହେରା, କମ୍ରେଡ ସୁନିଲ ଭୋଇ, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ କମ୍ରେଡ଼ ପରମାନନ୍ଦ ସାହୁ, କମ୍ରେଡ଼ ବିନୋଦ ସେଠୀ, କମ୍ରେଡ଼ ତରୁଣସେନ ନାୟକ, କମ୍ରେଡ଼ ନାରାୟଣ ନାୟକ, କମ୍ରେଡ ନାରାୟଣ ସାହୁ ଏବଂ କମ୍ରେଡ଼ ଫୁଲଚାନ୍ଦ ଲୋହାରଙ୍କ ନେତୃତ୍ୱରେ ସାରା ରାଜ୍ୟର ବିଭିନ୍ନ ଅଂଚଳରେ ଦାବି ଦିବସ ଉପଲକ୍ଷେ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା।

## ଶ୍ରୀ ବିଜୁ ପଟ୍ଟନାୟକଙ୍କ ସଂପର୍କରେ ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ମନ୍ତବ୍ୟ ଉପରେ ଏସ୍ୟୁସିଆଇ(କମ୍ୟୁନିଷ୍ଟ)ର ପ୍ରତିକ୍ରିୟା

ଉପରୋକ୍ତ ପ୍ରସଙ୍ଗରେ ପ୍ରତିକ୍ରିୟା ପ୍ରକାଶକରି ଏସ୍ୟୁସିଆଇ(କମ୍ୟୁନିଷ୍ଟ) ଓଡ଼ିଶା ରାଜ୍ୟ ସମ୍ପାଦକ କମ୍ରେଡ୍ ଶଙ୍କର ଦାଶଗୁପ୍ତ କହିଛନ୍ତି ଯେ – ଶ୍ରୀ ବିଜୁ ପଟ୍ଟନାୟକଙ୍କ ସମ୍ପର୍କରେ ବିଜେପି ସାଂସଦ ଶ୍ରୀ ନିଶିକାନ୍ତ ଦୁବେଙ୍କ ଆପତ୍ତିଜନକ ମନ୍ତବ୍ୟ ବିରୁଦ୍ଧରେ ଜନସାଧାରଣଙ୍କ ମଧ୍ୟରେ ବିରୂପ ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ବିଜେପିର ଅନ୍ୟତମ ଏହି ମୁଖର ସାଂସଦ ତାଙ୍କର ବକ୍ତବ୍ୟ ପାଇଁ ବିନା ସର୍ତ୍ତରେ କ୍ଷମା ପ୍ରାର୍ଥନା କରିଥିଲେ ମଧ୍ୟ, ଏହା ଆଦୌ ଆନ୍ତରିକ ନୁହେଁ। ତାଙ୍କର ଏହି ଧରଣର ମନ୍ତବ୍ୟ ଯୋଗୁଁ ଓଡ଼ିଶାର ଆଗାମୀ ପଞ୍ଚାୟତ ଓ ମ୍ୟୁନିସିପାଲଟି ନିର୍ବାଚନ ଏବଂ ପରବର୍ତ୍ତୀ ଅନ୍ୟାନ୍ୟ ନିର୍ବାଚନରେ ବିଜେପି ରାଜନୈତିକ ଭାବରେ କ୍ଷତିଗ୍ରସ୍ତ ହେବାର ଆଶଙ୍କା ହିଁ ତାଙ୍କୁ ସର୍ବସାଧାରଣରେ କ୍ଷମା ମାଗିବାକୁ ବାଧ୍ୟ କରିଛି। ଶ୍ରୀ ବିଜୁ ପଟ୍ଟନାୟକଙ୍କ ରାଜନୈତିକ ବିଚାର ଓ କାର୍ଯ୍ୟକଳାପ ସହିତ ଏସ୍ୟୁସିଆଇ(କମ୍ୟୁନିଷ୍ଟ)ର ସର୍ବଦା ବିରୋଧ ରହି ଆସିଛି। ମାତ୍ର ରାଜନୈତିକ ବିରୋଧିତା ଥିବା ସତ୍ତ୍ୱେ ପ୍ରତିପକ୍ଷ ବିରୁଦ୍ଧରେ କୌଣସି ନିମ୍ନ ରୁଚି ସଂସ୍କୃତି ଜନିତ ମନ୍ତବ୍ୟକୁ ଏସ୍ୟୁସିଆଇ(କମ୍ୟୁନିଷ୍ଟ) ସବୁବେଳେ ବିରୋଧ କରେ। ସେଥିପାଇଁ ଏହି କ୍ଷେତ୍ରରେ ମଧ୍ୟ ଆମ ଦଳ ଶ୍ରୀ ଦୁବେଙ୍କର ଏହି ନିମ୍ନ ରୁଚି ସଂସ୍କୃତି ଜନିତ ମନ୍ତବ୍ୟକୁ ବିରୋଧ କରୁଛି। ଆମେ ଆଶା କରୁ ରାଜ୍ୟର ଜନସାଧାରଣ ବିଜେପି ଓ ଅନ୍ୟାନ୍ୟ ବୁର୍ଜୁଆ ରାଜନେତା ମାନଙ୍କର ଅଧଃପତିତ ସାଂସ୍କୃତିକ ମାନ ସଂପର୍କରେ ସଚେତନ ରହିବେ।

## ଜିନ୍ଦଲ ପୋସ୍କୋ ବିରୋଧୀ ଆନ୍ଦୋଳନର ନେତା ପ୍ରକାଶ ମଲ୍ଲିକଙ୍କ ବେଆଇନ ଗିରଫଦାରୀକୁ ଏସ୍ୟୁସିଆଇ(କମ୍ୟୁନିଷ୍ଟ)ର ନିନ୍ଦା

କେଉଁଝର ଜିଲ୍ଲା ପାଟଣା ବ୍ଲକର ହଜାର ହଜାର ଏକର ଜଳସେଚିତ ଉର୍ବର ଜମିକୁ ଶିଳ୍ପ ପ୍ରତିଷ୍ଠା ଆଳରେ ଜିନ୍ଦଲ - ପୋସ୍କୋ କଂପାନୀ ହାତକୁ ଟେକି ଦେବାପାଇଁ ରାଜ୍ୟ ବିଜେପି ସରକାର ପୂର୍ବ ବିଜେଡି ସରକାରର ପଦାଙ୍କ ଅନୁସରଣ କରି ଚଳାଇଥିବା ଆତଙ୍କରାଜ ବିରୁଦ୍ଧରେ ଭିଟାମାଟି ଓ ଚାଷ ଜମି ରକ୍ଷା କରିବାପାଇଁ ସ୍ଥାନୀୟ ଜନସାଧାରଙ୍କ ଆନ୍ଦୋଳନକୁ ନେତୃତ୍ୱ ଦେଉଥିବା ବିଶିଷ୍ଟ ଚାଷୀ ନେତା କମ୍ରେଡ୍ ପ୍ରକାଶ ମଲ୍ଲିକଙ୍କ ବେଆଇନ ଗିରଫଦାରିକୁ ଏସୟୁସିଆଇ(କମ୍ୟୁନିଷ୍ଟ) ରାଜ୍ୟ ସମ୍ପାଦକ କମ୍ରେଡ୍ ଶଙ୍କର ଦାଶଗୁପ୍ତ ଏକ ପ୍ରେସ ଇସ୍ତାହାର ଜାରିକରି ତୀବ୍ର ନିନ୍ଦା କରିଛନ୍ତି ଏବଂ ତୁରନ୍ତ କମ୍ରେଡ୍ ମଲ୍ଲିକଙ୍କୁ ନିସର୍ତ୍ତରେ ଖଲାସ କରିବାପାଇଁ ଦୃଢ଼ ଦାବି କରିଛନ୍ତି। ଶ୍ରୀ ଦାଶଗୁପ୍ତ କହିଛନ୍ତି ଯେ ଏହି ଜମିକୁ ଜିନ୍ଦଲ - ପୋସ୍କୋ କମ୍ପାନୀକୁ ମାମୁଲି ଦରରେ ହସ୍ତାନ୍ତର କରିବାପାଇଁ ସରକାର ଜନମତ, ସମସ୍ତ ଗଣତାନ୍ତ୍ରିକ ରୀତିନୀତି ଓ ମୂଲ୍ୟବୋଧକୁ ଜଳାଞ୍ଜଳି ଦେଇଛନ୍ତି। ସମଗ୍ର ଅଂଚଳରେ ପୁଲିସର ସଂତ୍ରାସ ଚାଲିଛି। ଶହ ଶହ ଲୋକଙ୍କ ନାମରେ ମାରାତ୍ମକ ଧାରାରେ ମିଛ ମକଦ୍ଦମା ଦାୟର କରାଯାଉଛି। ନିରୀହ ଲୋକଙ୍କୁ ମାସ ମାସ ଧରି ମିଛ ମାମଲାରେ ଜେଲରେ ଭର୍ତ୍ତି କରାଯାଉଛି।

ମାର୍ଚ୍ଚ ୩୧ ତାରିଖ ମଧ୍ୟରାତ୍ରୀରେ ଜିନ୍ଦଲ-ପୋସ୍କୋ ପ୍ରତିରୋଧ ମଞ୍ଚର ଉପସଭାପତି ତଥା ଅଲ ଇଣ୍ଡିଆ କୃଷକ କ୍ଷେତ ମଜଦୁର ସଂଗଠନର ଆଗଧାଡିର ନେତା କମ୍ରେଡ ପ୍ରକାଶ ମଲ୍ଲିକଙ୍କୁ ଓଡିଶା ଉଚ୍ଚ ନ୍ୟାୟାଳୟର ଆଗୁଆ ଜାମିନ ସତ୍ତ୍ୱେ ବିନା କାରଣରେ ଅତ୍ୟନ୍ତ ଅଗଣତାନ୍ତ୍ରିକ ଭାବରେ ଗିରଫ କରାଯାଇଛି। କମ୍ରେଡ୍ ପ୍ରକାଶ ମଲ୍ଲିକଙ୍କୁ ତୁରନ୍ତ ଖଲାସ କରିବା ସଙ୍ଗେସଙ୍ଗେ ନ୍ୟାୟିକ ନିର୍ଦ୍ଦେଶର ଉଲଂଘନ କରି ତାଙ୍କୁ ଗିରଫ କରିଥିବା ପୋଲିସ ଅଧିକାରୀ ମାନଙ୍କ ବିରୁଦ୍ଧରେ ଉପଯୁକ୍ତ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ପ୍ରକାଶ ମଲ୍ଲିକ ଓ ଅନ୍ୟ ଆନ୍ଦୋଳନକାରୀଙ୍କ ବିରୁଦ୍ଧରେ ରୁଜୁ ହୋଇଥିବା ସମସ୍ତ ମାମଲା ପ୍ରତ୍ୟାହାର କରିବା ଓ କେଉଁଝର ଜିଲ୍ଲାର ସଂପୃକ୍ତ ଅଞ୍ଚଳରେ ପୋଲିସ ସନ୍ତ୍ରାସ ବନ୍ଦ କରିବାପାଇଁ କମ୍ରେଡ୍ ଦାଶଗୁପ୍ତ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଏହା ସଙ୍ଗେ ସଙ୍ଗେ ରାଜ୍ୟରେ ତଥାକଥିତ ଶିଳ୍ପାୟନ ଆଳରେ ଏକଚାଟିଆ ପୁଞ୍ଜିପତି ମାନଙ୍କ ସ୍ୱାର୍ଥରେ କେନ୍ଦ୍ର ଓ ରାଜ୍ୟର ଡବଲ ଇଞ୍ଜିନ ବିଜେପି ସରକାର ଦ୍ୱାରା ଦରିଦ୍ର ଗ୍ରାମବାସୀ, ବିଶେଷକରି ଆଦିବାସୀ ମାନଙ୍କ ଜମି ବଳପୂର୍ବକ ଅପହରଣକୁ ବିରୋଧ କରୁଥିବା ସମସ୍ତ ବାମପନ୍ଥୀ ଦଳ, ବ୍ୟକ୍ତି ବିଶେଷ ତଥା ସାମାଜିକ ସଂଗଠନ ମାନଙ୍କୁ ଏହି ଧରଣର ଫାସୀବାଦି ଦମନ ବିରୁଦ୍ଧରେ ଦୃଢ଼ ସ୍ୱର ଉତ୍ତୋଳନ କରିବାପାଇଁ କମ୍ରେଡ୍ ଦାଶଗୁପ୍ତ ନିବେଦନ କରିଛନ୍ତି।

## ଫୁଲବାଣୀଠାରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ଫାଶୀ ଦିବସ ପାଳିତ




Printed,Published and owned by Sri Bishnu Das, Printed at Serene Graphics,337-Jagannath Vihar, Lane-12,Baramunda, BBSR-3 and Published at plot No. 61/2082, Gangotrinagar, Bhubaneswar-2. District Khurda, Odisha E-mail: sarbaharakranti@yahoo.co.in, sarbaharakranti@gmail.com, Website : sarbaharakranti.org
Editor : Bishnu Das